

ଅନ୍ୟଠାରୁ ନିଜକୁ ଉଚ୍ଚ ବୋଲି ମଣିବା ହେଉଛି
ଭଗବାନଙ୍କ ପ୍ରତି ଦ୍ରୋହ ଆଚରଣ।
-ମହାତ୍ମା ଗାନ୍ଧୀ



■ ଇ-ଚାଲାଣ ବ୍ୟବସ୍ଥା

# ଉଦ୍‌ଘାଟନ ପରେ ଠପ୍

■ ଏଟିଏମ୍ କାର୍ଡରୁ ଫାଇନ୍ କାଟିବାକୁ କହିବାରୁ ଗାଳି

■ ଗାଡି ଥାନାକୁ ନେବାକୁ ଟ୍ରାଫିକ ପୋଲିସର ଧମକି

**ଭୁବନେଶ୍ୱର, ୨୯।୧୨(ବ୍ୟୁରୋ)**

ଗତ ୧୦ ତାରିଖରେ କମିଶନରେଟ ପୋଲିସ ମୁଖ୍ୟାଳୟରେ ପୋଲିସ ଡିଜି, କମିଶନର ଓ ଡିସିପି ଇ-ଚାଲାଣ ବ୍ୟବସ୍ଥାର ଶୁଭାରମ୍ଭ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ୍ କମିଶନରେଟ ପୋଲିସକୁ ୨ଶହ ମେଶିନ ଦେଇଥିଲା। ହେଲେ ଉଦ୍‌ଘାଟନ ପରେ ଏହି ବ୍ୟବସ୍ଥା ଠପ୍ ହୋଇଯାଇଛି। ବିଭିନ୍ନ ଛକରେ ଜଗୁଥିବା ଟ୍ରାଫିକ ପୋଲିସ କର୍ମଚାରୀ ମେଶିନ ସାହାଯ୍ୟରେ ଫାଇନ କାଟିବା ବଦଳରେ ମାନୁଆଲ୍‌ରେ ଫାଇନ କାଟୁଥିବା ଦେଖିବାକୁ ମିଳୁଛି। ଏହିଭଳି ମାନୁଆଲରେ ଫାଇନ ଆଦାୟକୁ ନେଇ ଶନିବାର ପୂର୍ବାହ୍ନରେ କ୍ୟାପିଟାଲ ଥାନା ଅନ୍ତର୍ଗତ ରାଜମହଲ ଓଭରବ୍ରିଜ୍ ନିକଟରେ ଉତ୍ତେଜନା ପ୍ରକାଶ ପାଇଥିଲା।

ଶନିବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ରାଜମହଲ ଓଭରବ୍ରିଜ୍ ନିକଟରେ ଟ୍ରାଫିକ ପୋଲିସ ପକ୍ଷରୁ ଯାଞ୍ଚ ଚାଲିଥିଲା। ଅନେକ ଯାତ୍ରୀ ରଙ୍ଗରୁଟ୍‌ରେ ଆସି ଧରାପଡିଥିଲେ।



ଟ୍ରାଫିକ୍ ପୋଲିସ୍ କର୍ମଚାରୀ ମାନୁଆଲରେ ରସିଦ କାଟୁଛନ୍ତି।

ଟ୍ରାଫିକ ପୋଲିସ କର୍ମଚାରୀମାନେ ସେମାନଙ୍କଠାରୁ ଫାଇନ କାଟୁଥିଲେ। ହେଲେ ଅନେକଙ୍କ ନିକଟରେ ନଗଦ ଟଙ୍କା ନ ଥିଲା। ସେମାନେ ଏଟିଏମ୍ କାର୍ଡ ମାଧମରେ ଫାଇନ କାଟିବା ପାଇଁ କହିଥିଲେ। କିନ୍ତୁ ପାଖରେ ମେଶିନ ନାହିଁ, ତେଣୁ ମାନୁଆଲରେ ଫାଇନ କାଟିବାକୁ କର୍ମଚାରୀମାନେ କହିଥିଲେ। ନଗଦ ଟଙ୍କା ନ ଥିବା ଯାତ୍ରୀମାନେ ନିଜ ଗାଡ଼ିର କାଗଜପତ୍ର ଦେଇ ପରେ ଆସି ଫାଇନ୍ କାଟି ନେଇଯିବେ ବୋଲି ପୋଲିସ କର୍ମଚାରୀମାନଙ୍କୁ କହିଥିଲେ। କିନ୍ତୁ କର୍ମଚାରୀମାନେ କିଛି ଶୁଣି ନ ଥିଲେ। ବରଂ ଫାଇନ ଦେବେ ନା ଥାନାକୁ ଗାଡି ଯିବ ବୋଲି ଧମକ ଦେଇଥିଲେ। ଏଭଳି ଯୁକ୍ତିତର୍କକୁ ନେଇ ସେଠାରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଶେଷରେ ଧରାପଡିଥିବା ବ୍ୟକ୍ତିମାନେ ସମ୍ପର୍କୀୟଙ୍କୁ ଫୋନ୍ କରିଥିଲେ। ସେମାନେ ଆସି ଟଙ୍କା ଦେବାପରେ ଗାଡି ନେଇଯାଇଥିଲେ।

କେତେଜଣ ଯାତ୍ରୀ ଅଭିଯୋଗ କରିଛନ୍ତି, ଜରିମାନା ଅର୍ଥର ବାଟମାରଣାକୁ ରୋକିବା ଲାଗି ଇ-ଚାଲାଣ ବ୍ୟବସ୍ଥା କରାଯାଇଛି। କିନ୍ତୁ ବିଭାଗୀୟ କର୍ମଚାରୀମାନେ ନିଜର ପକେଟ ଗରମ ପାଇଁ ବ୍ୟବସ୍ଥାକୁ ପଙ୍ଗୁ କରିଦେଉଛନ୍ତି। ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବା ଉଚିତ ବୋଲି ସେମାଦେ ଦାବି କରିଛନ୍ତି। ଅଭିଯୋଗ ସମ୍ପର୍କରେ ମତାମତ ଲାଗି ଟ୍ରାଫିକ ଏସିପିଙ୍କୁ ଫୋନ୍ କରାଯାଇଥିଲେ ମଧ୍ୟ ସେ ବ୍ୟସ୍ତଥିବା କହି ଫୋନ୍ କାଟି ଦେଇଥିଲେ। ଟ୍ରାଫିକ ଥାନାର ଜଣେ ଅଫିସରଙ୍କୁ ପଚାରିବାରୁ ସେ କହିଥିଲେ, ନେଟ୍‌ୱର୍କ ଠିକ୍ ନାହିଁ। ତେଣୁ ଇ-ଚାଲାଣ କରାଯାଉ ନାହିଁ। ଜାନୁୟାରୀ ଶେଷ ସପ୍ତାହ ଆଡ଼କୁ ଠିକ୍ ହୋଇଯିବ।




ଲେଖାଲେଖି ପକ୍ଷରୁ ଶନିବାର ବୁଦ୍ଧ ମନ୍ଦିରରେ ଆୟୋଜିତ ପୁସ୍ତକ ଉନ୍ମୋଚନ ଉତ୍ସବରେ ମୁଖ୍ୟ ଅତିଥି ଡଃ. ସୀତାକାନ୍ତ ମହାପାତ୍ର ତାଙ୍କ ସହ ହୋଇଥିବା ୧୭ ନିର୍ବାଚିତ ସାକ୍ଷାତକାରକୁ ନେଇ ଡ. ହୃଷୀକେଶ ମଲ୍ଲିକଙ୍କ ଦ୍ୱାରା ସମ୍ପାଦିତ ପୁସ୍ତକ 'ସାରସ୍ୱତ ଆଳାପନ'କୁ ଉନ୍ମୋଚନ କରୁଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଡଃ. ଅର୍ଚ୍ଚନା ନାୟକ, ଡ. ହୃଷୀକେଶ ମଲ୍ଲିକ ଓ ଲେଖାଲେଖି ସ୍ୱତ୍ତ୍ୱାଧିକାରୀ ଦିଲ୍ଲୀପ ବେଉରା ଉପସ୍ଥିତ।

■ ଜମ୍ମୁ-କଶ୍ମୀରର ପୂର୍ବତନ ବିଧାୟକ ମହମ୍ମଦ ୟୁସୁଫଙ୍କ ଶାନ୍ତିସ୍ତୂପ ପରିଦର୍ଶନ

# ଲୋକଙ୍କ ସହ ସେଲ୍‌ଫି ଉଠାଇଲେ

**ପୁରୁଣା ଭୁବନେଶ୍ୱର, ୨୯।୧୨(ଡି.ଏନ.ଏ.)**

ଜମ୍ମୁ-କଶ୍ମୀର ରାଜ୍ୟର ପୂର୍ବତନ ବିଧାୟକ ମହମ୍ମଦ ୟୁସୁଫ୍ ଶନିବାର ପୂର୍ବାହ୍ନ ୧୧ଟାରେ ଶାନ୍ତିସ୍ତୂପ ଧଉଳି ପରିଦର୍ଶନରେ ଆସିଥିଲେ। ଆତଙ୍କବାଦୀଙ୍କ ଟାର୍ଗେଟ୍‌ରେ ଥିବା ୟୁସୁଫ୍‌ଙ୍କ ପାଇଁ ସ୍ୱତନ୍ତ୍ର ସ୍କ୍ୱାଡ, ସାଦା ପୋଷାକରେ ବନ୍ଧୁକଧାରୀ ପୋଲିସ, ସ୍ଥାନୀୟ ପୋଲିସଙ୍କ ତତ୍ତ୍ୱାବଧାନରେ ଶାନ୍ତିସ୍ତୂପ ଧଉଳି, ଅଶୋକଙ୍କ ଶିଳାଲିପି ବୁଲି ଦେଖିଥିଲେ। ଏପରି କି ସେ ରହିଥିବା ଅଞ୍ଚଳକୁ ସାଧାରଣ ପର୍ଯ୍ୟଟକ ଯିବାକୁ ହେଲେ ମେଟାଲ ଡିଟେକ୍ଟର ଲଗାଯାଇଥିଲା। ଏହି ଅବସରରେ ୟୁସୁଫ ନିଜ ବିଧାନସଭା ଅଞ୍ଚଳର ପର୍ଯ୍ୟଟକଙ୍କୁ ଚିହ୍ନି ପାରିଥିଲେ। ପରେ ସେମାନଙ୍କ ସହ କଥାବାର୍ତ୍ତା ହୋଇ ସେଲ୍‌ଫି ଉଠାଇଥିଲେ। ସେ ଶନ୍ତିସ୍ତୂପ ଧଉଳିରେ ପ୍ରାୟ ୪୦ ମିନିଟ୍ ରହି ପ୍ରତ୍ୟାବର୍ତ୍ତନ କରିଥିଲେ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ରାଜ୍ୟ ସଂଗ୍ରହାଳୟରେ ହେବ ୫ ନୂଆ ଗ୍ୟାଲେରି



କୃତୀ ପ୍ରତିଯୋଗୀଙ୍କ ଗହଣରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଓ ଅନ୍ୟମାନେ।

**ଭୁବନେଶ୍ୱର, ୨୯।୧୨(ବ୍ୟୁରୋ)**

**୬୧ତମ ପ୍ରତିଷ୍ଠା ଉତ୍ସବ**

କଳ୍ପନାସ୍ଥିତ ରାଜ୍ୟ ସଂଗ୍ରହାଳୟର ୬୧ତମ ପ୍ରତିଷ୍ଠା ଉତ୍ସବ ଶନିବାର ସଂଗ୍ରହାଳୟ ପରିସରରେ ପାଳିତ ହୋଇଛି। ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ସଂଗ୍ରହାଳୟରେ ୫ ନୂତନ ଗ୍ୟାଲେରି ହେବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ବିଶିଷ୍ଟ ସାହିତ୍ୟିକ ଡ. ଦାଶ ବେନ୍‌ହୁର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ନୂତନ ଭାବେ ସଂଗୃହୀତ କଳା ସାମଗ୍ରୀର ପ୍ରଦର୍ଶନୀକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ଏହାସହ ସଂଗ୍ରହାଳୟର ନୂତନ ଲୋଗୋ ଉନ୍ମୋଚନ କରିବା ସହ ସ୍ମାର୍ଟ ଟ୍ଏଲେଟ୍, ଓଡ଼ିଶା ହିଷ୍ଟୋରିକାଲ ରିସର୍ଚ୍ଚ ଜର୍ନାଲର ମଧ୍ୟ ଲୋକାର୍ପିତ ହୋଇଥିଲା। ଆୟୋଜିତ ତର୍କ ଓ ଚିତ୍ର ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସଂସ୍କୃତି ବିଭାଗ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ବିଜୟ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବକୁ ମୃତ୍ୟୁଞ୍ଜୟ ରଥ ସଂଯୋଜନା କରିଥିଲେ।

# ଯୋଗ,ଧ୍ୟାନ ଛାତ୍ରୀଛାତ୍ରଙ୍କ ଦକ୍ଷତା ବୃଦ୍ଧିରେ ସହାୟକ

**ଭୁବନେଶ୍ୱର,୨୯।୧୨**

ଯୋଗ, ଧ୍ୟାନ ଛାତ୍ରୀଛାତ୍ରଙ୍କ ଦକ୍ଷତା ବୃଦ୍ଧି ଦିଗରେ ବିଶେଷ ଭାବେ ସହାୟକ ହୋଇଥାଏ। ବିଦ୍ୟାର୍ଥୀଙ୍କ ମାନସିକ ଦକ୍ଷତା ବୃଦ୍ଧି ଦିଗରେ ଧର୍ମର ପ୍ରଭାବ ରହିଛି। ଶାନ୍ତ,ସରଳ ତଥା ମାନସିକ ସ୍ତରରେ ବିକାଶ ସାଧନ ପାଇଁ ଯୋଗ ଏବଂ ଧ୍ୟାନ ସହାୟତା କରିଥାଏ। ଦକ୍ଷତା ବିକାଶ ପ୍ରତିଷ୍ଠାନ ଏନ୍‌ଆଇଏଟିର ପ୍ରତିଷ୍ଠା ଦିବସ ଅବସରରେ ଅନୁଷ୍ଠିତ ରାମକଥା ଜ୍ଞାନ ଯଜ୍ଞ କାର୍ଯ୍ୟକ୍ରମରେ ବିଶିଷ୍ଟ ପ୍ରବଚକ ସନ୍ତୋଷ ସାହୁ ଏହା କହିଛନ୍ତି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଚିତ୍ତ ରଞ୍ଜନ ପଟ୍ଟନାୟକ, ପ୍ରଫୁଲ୍ଲ କୁମାର ମହାନ୍ତି ଏବଂ ପ୍ରତିଷ୍ଠାନର ନିର୍ଦ୍ଦେଶକ ଦେବାଶିଷ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ବିଦ୍ୱାନ ମଣ୍ଡଳୀ ଏବଂ ଛାତ୍ରୀଛାତ୍ର ଏଥିରେ ଯୋଗ ଦେଇଥିଲେ। ଏହି ରାମକଥା କାର୍ଯ୍ୟକ୍ରମ ଦୁଇ ଦିନ ଧରି ଚାଲିବାକୁ ଥିବା ବେଳେ ଏଥିରେ ଏକ ସାଧୁ ସମ୍ମିଳନୀ ମଧ୍ୟ ଆୟୋଜନ ହେବ।

# ସାଙ୍ଗ ମୁଣ୍ଡରେ ବନ୍ଧୁକ ଲଗାଇବା ଅଭିଯୋଗରେ ୭ଗିରଫ

**ବାରଙ୍ଗ,୨୯।୧୨(ଡି.ଏନ୍.ଏ.)**

ସାଙ୍ଗ ମୁଣ୍ଡରେ ବନ୍ଧୁକ ଲଗାଇବା ଓ ଜୀବନରୁ ମାରିଦେବା ପାଇଁ ଧମକ ଦେବା ଅଭିଯୋଗରେ ଚନ୍ଦକା ଥାନା ପୋଲିସ ୭ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଶିବକଲ୍ୟାଣ ବଡଜେନା, ରାକେଶ ମହାପାତ୍ର, ରାଜେଶ ମହାପାତ୍ର, ଚନ୍ଦନ ଭୋଇ, ସୌରଭ କୁମାର ବେହେରା, ଅନନ୍ତ ବେହେରା ଓ ଦୁଷ୍ମନ୍ତ ବେହେରା। ଏମାନଙ୍କଠାରୁ ବ୍ୟବହୃତ ବନ୍ଧୁକ ଜବତ ହୋଇଛି। କୁଜିମହଲ ଗ୍ରାମର ମହେଶ୍ୱର ପ୍ରଧାନ ଓ ଅଭିଯୁକ୍ତମାନେ ହାଇସ୍କୁଲ ପଢିବା ସମୟର ସାଙ୍ଗ ଅଟନ୍ତି। କୁଜିମହଲ ଗ୍ରାମରେ ଅନୁଷ୍ଠିତ ଏକ କ୍ରିକେଟ ଟୁର୍ନାମେଣ୍ଟକୁ ନେଇ ମହେଶ୍ୱରଙ୍କ ସହ ଏମାନଙ୍କ ମଧ୍ୟରେ ବିବାଦ ହୋଇଥିଲା। ଅଭିଯୁକ୍ତମାନେ ଶୁକ୍ରବାର ରାତିରେ ମହେଶ୍ୱରଙ୍କୁ ଗାଳିଗୁଲଜ କରିବା ସହ ମୁଣ୍ଡରେ ବନ୍ଧୁକ ଲଗାଇ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ବନ୍ଧୁକକୁ ଜବତ କରିବା ସହ ୭ଜଣଙ୍କୁ କାବୁ କରି ପୋଲିସର ଜିମା ଦେଇଥିଲେ। ଏ ନେଇ ଥାନାରେ ଏକ ମାମଲା (ନଂ. ୧୭୭/୧୮)ରୁଜୁ ହୋଇଛି।

# 'ସୁନା ଭଉଣୀ'ର ସାରସ୍ୱତ ମହୋତ୍ସବ

**ଭୁବନେଶ୍ୱର,୨୯।୧୨(ଡି.ଏନ୍.ଏ.)**

ଶିଶୁ ସାହିତ୍ୟ ପତ୍ରିକା 'ସୁନା ଭଉଣୀ' ଆନୁକୂଲ୍ୟରେ କବିତା ପାଠୋତ୍ସବ ଆଲୋଚନାଚକ୍ର, ସାହିତ୍ୟ ସଭା ତଥା ପତ୍ରିକା ଉନ୍ମୋଚନ ମହୋତ୍ସବ ଭୁବନେଶ୍ୱରର ଗୋଦାବରୀଶ ସାହିତ୍ୟ ସଂସଦଠାରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରାଧ୍ୟାପକ ମହେନ୍ଦ୍ର କୁମାର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଇଫକୋ, ପାରାଦ୍ୱୀପ ମାନବ ସମ୍ବଳ ବିଭାଗର ପ୍ରବନ୍ଧକ ଜ୍ଞାନଚାନ୍ଦ ଆଚାର୍ଯ୍ୟ, ମୁଖ୍ୟ ବକ୍ତାଭାବେ ସୁଧାକର ମହାନ୍ତି ଯୋଗଦେଇଥିଲେ। ଭଗବାନ ଦାଶ, ରାମଚନ୍ଦ୍ର ମେକାପ, ସାଧିକା ରାଉତରାୟ, ମିନତି ଲେଙ୍କା, ଜଗନ୍ନାଥ ବେହେରା, ରବି ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ତିଲୋତ୍ତମା ଦାଶ ଧନ୍ୟବାଦ ଦେବା ସହ ସମ୍ପାଦିକା ବିଜୟଲକ୍ଷ୍ମୀ ମହାପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# 'ସ୍ୱଚ୍ଛତା ନିମନ୍ତେ ପ୍ରତିବଦ୍ଧତା' ଶୀର୍ଷକ କର୍ମଶାଳା

**ବାଲକାଟୀ,୨୯।୧୨(ଡି.ଏନ୍.ଏ.)**

କୌଶଲ୍ୟାଗଙ୍ଗସ୍ଥିତ କେନ୍ଦ୍ରୀୟ ମଧୁର ଜଳ ଜୀବ ପାଳନ ଅନୁସନ୍ଧାନ ସଂସ୍ଥାନ ସିଫାରେ ଶନିବାର 'ସ୍ୱଚ୍ଛତା ନିମନ୍ତେ ପ୍ରତିବଦ୍ଧତା' ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଏସଇଆଇଏଏର ଚେୟାରମ୍ୟାନ ଡ. ବିଜୟ କେତନ ପଟ୍ଟନାୟକ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଭୁବନେଶ୍ୱର ସ୍ମାର୍ଟ ସିଟି ଲିଃର ବିଶେଷଜ୍ଞ ଶିଶିର ଗ୍ରହାଚାର୍ଯ୍ୟ ଯୋଗଦେଇ ପରିବେଶ ସ୍ୱଚ୍ଛତା ସମ୍ବନ୍ଧରେ ମତ ରଖିଥିଲେ। ଡ. ବିନ୍ଦୁ ଆର ପିଲାଇ ସ୍ୱଚ୍ଛ ଭାରତ ଅଭିଯାନର ବିବରଣୀ ପ୍ରଦାନ କରିଥିଲେ।

■ ଚାଲିଲାନି ଟିକେଟ କାଉଣ୍ଟର କମ୍ପ୍ୟୁଟର, ୨ ଘଣ୍ଟା ରୋଗୀ ହନ୍ତସନ୍ତ

# କ୍ୟାପିଟାଲ ହସ୍ପିଟାଲରେ ଉତ୍ତେଜନା

**ଭୁବନେଶ୍ୱର, ୨୯।୧୨(ବ୍ୟୁରୋ)**

କ୍ୟାପିଟାଲ ହସ୍ପିଟାଲ ଟିକେଟ କାଉଣ୍ଟର କମ୍ପ୍ୟୁଟର ଅଚଳ ହୋଇଯିବାରୁ ଶନିବାର ଅପରାହ୍ନରେ ଉତ୍ତେଜନା ଦେଖିବାକୁ ମିଳିଛି। ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଦୁଇ ଘଣ୍ଟା ଅପେକ୍ଷା କରିବା ପରେ ଶେଷରେ ହୋହଲ୍ଲା କରିଥିଲେ। ଏପରିକି ରୋଗୀ ସମ୍ପର୍କୀୟମାନେ ଟିକେଟ କାଉଣ୍ଟର ଭିତରକୁ ପଶି ଭଙ୍ଗାରୁଜା କରିବାକୁ ଉଦ୍ୟମ କରିଥିଲେ। ହସ୍ପିଟାଲ ଫାଣ୍ଡି ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ସୂଚନାନୁଯାୟୀ, କ୍ୟାପିଟାଲ ହସ୍ପିଟାଲରେ ରୋଗୀଙ୍କ ଭିଡକୁ ନଜରରେ ଦେଖି ୩ଟି ଟିକେଟ କାଉଣ୍ଟର ଖୋଲା ଯାଇଛି। ହେଲେ ସବୁ କାଉଣ୍ଟରରେ ସବୁବେଳେ କର୍ମଚାରୀ ରହୁନାହାନ୍ତି। ଫଳରେ ବହୁ ସମୟ ଧରି ରୋଗୀ ଓ ସମ୍ପର୍କୀୟ ଧାଡ଼ିରେ ରହୁଛନ୍ତି। ଟିକେଟ ଧରି ଓପିଡିରେ ପୁଣି ଧାଡ଼ିରେ ରହିବାକୁ ପଡୁଛି। ସେହିଭଳି ବିଭିନ୍ନ ପରୀକ୍ଷା ପାଇଁ ମଧ୍ୟ ହଟହଟା ହେବାକୁ ପଡୁଛି। ଫଳରେ ଅଧିକାଂଶ ରୋଗୀ ଠିକ୍ ଚିକିତ୍ସା ପାଇପାରୁନାହାନ୍ତି। ଏପରିସ୍ଥଳେ ଶନିବାର ଅପରାହ୍ନ ପ୍ରାୟ ୫ଟାରେ ଟିକେଟ କାଉଣ୍ଟର ନିକଟରେ ଧାଡ଼ିରେ ରହିଥିଲେ। ଜଣେ ମାତ୍ର କର୍ମଚାରୀ ଟିକେଟ ଦେଉଥିଲେ। ହଠାତ୍ କମ୍ପ୍ୟୁଟର ଖରାପ ହୋଇଯାଇଥିଲା। ୨ ଘଣ୍ଟା ଧରି ରୋଗୀ ଓ ସମ୍ପର୍କୀୟ ସେମିତି ଧାଡ଼ିରେ ଠିଆ ହୋଇଥିଲେ। ଶେଷରେ ମେଡିକାଲ ସମୟ ଗଡ଼ିଯାଇଥିଲା ଓ କମ୍ପ୍ୟୁଟର ମଧ୍ୟ ଠିକ୍ ହୋଇ ନ ଥିଲା। ଫଳରେ ଧାଡ଼ିରେ ଅପେକ୍ଷା କରିଥିବା ରୋଗୀ ଓ ସମ୍ପର୍କୀୟ ଉତ୍ତ୍ୟକ୍ତ ହୋଇପଡିଥିଲା। ହୋହଲ୍ଲା ସହ ଗାଳିଗୁଲଜ କରିବା ଆରମ୍ଭ କରିଦେଇଥିଲେ। ଏପରିକି ସେମାନେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ କହିଥିଲେ ମଧ୍ୟ କେହି ଶୁଣି ନ ଥିଲେ। ଫଳରେ ପରିସ୍ଥିତି ଅଣାୟତ୍ତ ହୋଇପଡିଥିଲା। କର୍ମଚାରୀମାନେ ସ୍ଥାନ ଛାଡ଼ି ପଳାଇଥିଲେ। ପୋଲିସ ବୁଝାଶୁଝା କରି ସେମାନଙ୍କୁ ଘରକୁ ପଠାଇଥିଲେ।






ବିଭୂତି



ମହେଶ୍ୱର



ପ୍ରିୟରଞ୍ଜନ



ପିଙ୍କି



ପୁଜ୍ୟଦିତା



ରାକେଶ



ସ୍ୱାଗତିକା



ସନ୍ତୋଷ



ସିଦ୍ଧାର୍ଥ



ବିଜୟ

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ରବିବାର, ଡିସେମ୍ବର ୩୦/୨୦୧୮ Bhubaneswar, Sunday, December 30/ 2018




## ସଂକ୍ଷେପରେ

### ୪୯ ଡେପୁଟି ସୁବେଦାରଙ୍କ ସୁବେଦାର ପଦବୀକୁ ପଦୋନ୍ନତି

**କଟକ ଅଫିସ, ୨୯।୧୨:** ଓଡ଼ିଶା ପୋଲିସରେ କାର୍ଯ୍ୟରତ ୪୯ ଜଣ ଡେପୁଟି ସୁବେଦାରଙ୍କର ପଦୋନ୍ନତି ହୋଇଛି। ଡେପୁଟି ସୁବେଦାର ର୍ୟାଙ୍କରୁ ସୁବେଦାର ପଦବୀକୁ ସେମାନଙ୍କର ପଦୋନ୍ନତି ହୋଇଥିବା ନେଇ ଓଡ଼ିଶା ପୋଲିସ ପକ୍ଷରୁ ଶନିବାର ବିଦ୍ଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି।

### ପୋଲିସ ଉପସ୍ଥିତିରେ ଲୁଟ୍ ସ୍କୁଟିକୁ ଧକ୍କା ମାରି ଝାମ୍ପି ନେଲେ ସୁନାଚେନ

**ଭୁବନେଶ୍ୱର, ୨୯।୧୨(ବ୍ୟୁରୋ):** ରାଜଧାନୀରେ ମାତିଛନ୍ତି ଲୁଟେରା। ପୋଲିସ ଉପସ୍ଥିତିରେ ସେମାନେ ଲୁଟ୍‌ପାଟ କରୁଛନ୍ତି। ଶନିବାର କ୍ୟାପିଟାଲ ଥାନା ଅନ୍ତର୍ଗତ ଗାନ୍ଧୀମାର୍ଗରେ ଏପରି ଏକ ଘଟଣା ଘଟିଛି। ସ୍କୁଟିରେ ଯାଉଥିବା ଜଣେ ମହିଳାଙ୍କୁ ଧକ୍କାମାରି ଲୁଟେରାମାନେ ସୁନା ଚେନ ଲୁଟି ନେଇଛନ୍ତି। ସେପଟେ ଭାରସାମ୍ୟ ହରାଇ ମହିଳା ଜଣକ ତଳେ ପଡିଯିବାରୁ ତାଙ୍କ ମୁଣ୍ଡ ଫାଟିଯାଇଛି। ଲୁଟ୍‌ର ଶିକାର ମହିଳା ଜଣକ ହେଲେ ପ୍ରେସ୍ କଲୋନୀର ପ୍ରଭାସିନୀ ପୃଷ୍ଟି। ତାଙ୍କ ପରିବାର ଲୋକେ କ୍ୟାପିଟାଲ ଥାନାରେ ଅଭିଯୋଗ କରିଛନ୍ତି। ପ୍ରଭାସିନୀ ଅପରାହ୍ନ ପ୍ରାୟ ୩ଟା ୩୦ରେ ମାର୍କେଟ ବିଲ୍ଡିଂରୁ କିଣାକିଣି କରି ଗାନ୍ଧୀମାର୍ଗ ଦେଇ ସ୍କୁଟିରେ ଯାଉଥିଲେ। ପଛରୁ ୨ ଯୁବକ ବାଇକ୍‌ରେ ଆସି ତାଙ୍କ ସ୍କୁଟିକୁ ଧକ୍କା ମାରି ବେକରୁ ସୁନାଚେନ୍ ଝାମ୍ପି ନେଇ ଫେରାର ହୋଇଯାଇଥିଲେ। ପ୍ରଭାସିନୀ ଭାରସାମ୍ୟ ହରାଇ ଗାଡିରୁ ଖସିପଡ଼ିଥିଲେ। ଲୋକେ ତାଙ୍କୁ ଉଦ୍ଧାର କରି ଅଟୋରେ କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ଗାନ୍ଧୀମାର୍ଗରେ ସିସିଟିଭି କ୍ୟାମେରା ଲାଗିବା ସହ ପୋଲିସ ମୁତୟନ ହୋଇଥିବାବେଳେ ଏପରି ଘଟଣା ସୁରକ୍ଷା ବ୍ୟବସ୍ଥା ପ୍ରତି ଚ୍ୟାଲେଞ୍ଜ ସୃଷ୍ଟି କରିଛି।

# ଟ୍ୟାଲେଣ୍ଟ ସହ ହାର୍ଡୱାର୍କ ଦରକାର


ସିଦ୍ଧାର୍ଥ ଶଙ୍କର ମହାଦେବନ

*ସିଦ୍ଧାର୍ଥ ଶଙ୍କର ମହାଦେବନ। ଏକାଧାରାରେ ବଲିଉଡ୍‌ର ଜଣେ ପ୍ରଚ୍ଛଦପଟ୍ଟ ଗାୟକ ଏବଂ କମ୍ପୋଜର। ମ୍ୟୁଜିକ୍ କ୍ଷେତ୍ରରେ ବଲିଉଡ୍‌ର କିମ୍ବଦନ୍ତୀ କୁହାଯାଉଥିବା ମ୍ୟୁଜିକ୍ ଡାଇରେକ୍ଟର, ସିଙ୍ଗର ତଥା କମ୍ପୋଜର ଶଙ୍କର ମହାଦେବନଙ୍କ ପୁଅ ହେଉଛନ୍ତି ସିଦ୍ଧାର୍ଥ। ତେବେ ବାପାଙ୍କ ପାଇଁ ନୁହେଁ, ବରଂ ନିଜ କଣ୍ଠର ଯାଦୁରେ ସେ ନିଜ ପରିଚୟ ସୃଷ୍ଟି କରିଛନ୍ତି। ୨୦୦୫ରେ ବଣ୍ଟି ଔର ବବ୍‌ଲି ଚଳଚ୍ଚିତ୍ରରେ ଯଦିଓ ସେ ଏକ ଗୀତ ଗାଇଥିଲେ, କିନ୍ତୁ ତାହା ଅଧିକ ଲୋକପ୍ରିୟ ହୋଇ ନ ଥିଲା। ୨୦୧୩ରେ 'ଭାଗ୍ ମିଲ୍‌ଖା ଭାଗ୍' ଚଳଚ୍ଚିତ୍ରରେ ସେ ଗାଇଥିବା 'ଜିନ୍ଦା' ଗୀତ ତାଙ୍କୁ ରାତାରାତି ରକ୍‌ଷ୍ଟାର କରାଇଦେଇଥିଲା। ଏହି ଗୀତ ପାଇଁ ସେ 'ମୋଷ୍ଟ ଏଣ୍ଟରଟେନିଂ ମେଲ୍ ସିଙ୍ଗର' ଆୱାର୍ଡ ମଧ୍ୟ ପାଇଥିଲେ। ସେହିବର୍ଷ 'ଧୁମ୍-୩'ର 'ମଲଙ୍ଗ' ଗୀତ ମଧ୍ୟ ସୁପରହିଟ୍ ହୋଇଥିଲା। ଏହାପରେ ସେ 'ଟୁ ଷ୍ଟେଟ୍‌ସ', 'କିଲ୍ ଦିଲ୍' ଭଳି ଅନେକ ଫିଲ୍ମରେ କଣ୍ଠଦାନ କରିଛନ୍ତି। ହିନ୍ଦୀ ବ୍ୟତୀତ ମରାଠୀ, ତାମିଲ, ତେଲୁଗୁ ଚଳଚ୍ଚିତ୍ରରେ ମଧ୍ୟ ଗୀତ ବୋଲିଛନ୍ତି। ସିଦ୍ଧାର୍ଥ ଭୁବନେଶ୍ୱରର ଏକ କନସର୍ଟରେ ଗୀତ ବୋଲିବାକୁ ଆସିଥିବା ବେଳେ ତାଙ୍କ ସହିତ ସ୍ୱଳ୍ପ ସାକ୍ଷାତକାର।*

**ସାକ୍ଷାତକାର: ଅସମାପିକା ସାହୁ**

● **କିଛିଦିନ ତଳେ ଆପଣଙ୍କ ବାପା ହକି ବିଶ୍ୱ କପ୍ ଚାଲୁଥିବା ସମୟରେ ଆସିଥିଲେ। ତାଙ୍କ ଧମାକାଦାର ପରଫରମାନ୍ସ ଶ୍ରୋତାଙ୍କୁ ମସଗୁଲ କରିଥିଲା। ବାପାଙ୍କ ଭଳି ଶ୍ରୋତାଙ୍କ ହୃଦୟ ଜିତିବା ପାଇଁ ନିଜକୁ କିପରି ପ୍ରସ୍ତୁତ କରୁଛନ୍ତି?**

ଚେଷ୍ଟା ତ କରିଥାଏ। ତେବେ ଡାଡ୍‌ଙ୍କ ଶୋ' ଅଲଗା ଓ ମୋ ଶୋ' ଅଲଗା। ମୁଁ ସବୁବେଳେ ମୋର ବେଷ୍ଟ ଦେବା ପାଇଁ ଚାହେଁ। ତେବେ ଆସିବା ପୂର୍ବରୁ ଡାଡ୍ ଏଠିକାର ପରିବେଶ ଓ ଶ୍ରୋତା ଆମେଜିଂ ବୋଲି କହିଥିଲେ।

● **ପ୍ରାୟତଃ ଅନେକ ରିୟଲିଟି ଶୋ'ର ଅଂଶଗ୍ରହଣକାରୀ ବଲିଉଡ୍‌କୁ ପ୍ଲେବ୍ୟାକ୍ ସିଙ୍ଗର ଭାବେ ପ୍ରବେଶ କରୁଛନ୍ତି। କିନ୍ତୁ ଆପଣ ସେଭଳି କୌଣସି ଶୋ'ରେ ଭାଗ ନେଇନାହାନ୍ତି। ତଥାପି ଆପଣ ଅନେକ ସୁପରହିଟ୍ ଗୀତ ବୋଲି ସାରିଲେଣି। ଆପଣଙ୍କ ବାପାଙ୍କ ଯୋଗୁ ଆପଣ ବଲିଉଡ୍‌ରେ ଶୀଘ୍ର ପ୍ରବେଶ କରିଛନ୍ତି ବୋଲି ଲୋକେ ଭାବନ୍ତି। ସେ ସମ୍ପର୍କରେ କ'ଣ କହିବେ?**

ହଁ ବହୁତ ପ୍ରଶ୍ନ ଆସେ। କିନ୍ତୁ ସମସ୍ତଙ୍କୁ ବୁଝିବାକୁ ହେବ ଯେ, ସୁଯୋଗ ମିଳିପାରିବ, କିନ୍ତୁ ସେହି ସୁଯୋଗରୁ କିପରି ସଫଳତା ହାସଲ କରିହେବ ତାହା ତୁମ ହାତରେ ଥାଏ। ଜନତା ଯଦିଓ ମୋ ଗୀତକୁ ଶଙ୍କର ମହାଦେବନଙ୍କ ପୁଅର ଗୀତ ଭାବି ଶୁଣିବେ, ତେବେ ମୁଁ ଭଲ ନ ଗାଇଲେ ବେଶିଦିନ ମୋ ଗୀତ ଶୁଣିବେ ନାହିଁ। କିନ୍ତୁ ପ୍ରକୃତରେ ମୋତେ ବହୁତ ପରିଶ୍ରମ କରିବାକୁ ପଡ଼େ। ଯଦି ନିଜର ଟ୍ୟାଲେଣ୍ଟ ଏବଂ ହାର୍ଡୱାର୍କ ନାହିଁ ତା'ହେଲେ ତୁମେ ଅଧିକ ଦିନ ତିଷ୍ଠି ରହିପାରିବ ନାହିଁ।

● **'ଭାଗ୍ ମିଲ୍‌ଖା ଭାଗ୍' ଚଳଚ୍ଚିତ୍ର ପାଇଁ କିପରି ସୁଯୋଗ ପାଇଥିଲେ?**

ଏକ ଅନୁଷ୍ଠାନ ପାଇଁ ବୋଲିଥିବା ଗୀତ ଦ୍ୱାରା 'ଭାଗ୍ ମିଲ୍‌ଖା ଭାଗ୍' ଚଳଚ୍ଚିତ୍ରର ନିର୍ଦ୍ଦେଶକ ରାକେଶ ମେହେରା ମୋର କଣ୍ଠ ଶୁଣିଥିଲେ। ସେ ମୋତେ ଏହି ଫିଲ୍ମରେ ଗୀତ ବୋଲିବା ପାଇଁ ଅଫର ଦେଇଥିଲେ ଏବଂ ଉତ୍ସାହିତ ମଧ୍ୟ କରିଥିଲେ।

● **ଭବିଷ୍ୟତ ପ୍ରୋଜେକ୍ଟ କ'ଣ ରହିଛି?**

ଉ- ବର୍ତ୍ତମାନ ଦୁଇଟି ବଡ଼ ଫିଲ୍ମରେ ଗୀତ ବୋଲିଛି। ସେ ଗୀତ କେବେ ମାର୍କେଟକୁ ଆସିବ ମୁଁ ଅପେକ୍ଷା କରିଛି। ଫିଲ୍ମର ନାମ ବର୍ତ୍ତମାନ କହିପାରିବି ନାହିଁ। କିନ୍ତୁ ୨୦୧୯ରେ ଏହା ରିଲିଜ ହେବ।

● **ଓଡ଼ିଶାର କୌଣସି ଖାଦ୍ୟ ଖାଇବାକୁ ଇଚ୍ଛା ଅଛି କି?**

ଉ- ପୂର୍ବରୁ ମୁଁ ଚିନ୍ତା କରି କି ଆସିଛି ଯେ ଶୋ' ସରିବା ପରେ ଏଠିକାର ସ୍ୱାଦିଷ୍ଟ ଖାଦ୍ୟ ଖାଇବି। କାରଣ ମୁଁ ଜଣେ ଫୁଡି।

### ସିଦ୍ଧାର୍ଥଙ୍କ ଜବରଦସ୍ତ ପରଫର୍ମାନ୍ସ

ଭୁବନେଶ୍ୱର, ୨୯।୧୨(ବ୍ୟୁରୋ)- ଜିନ୍ଦା ହୁଁ ହୈ ତୋ ପ୍ୟାଲା ପୂରା ଭର୍‌ଲେ, କାଞ୍ଚା ଫୁଟେ ଚୁରା କାଞ୍ଚ୍ କର୍‌ଲେ...ଗୀତରେ ଶନିବାର ଫାଟି ପଡୁଥିଲା ଉତ୍କଳ ମଣ୍ଡପ। ବଲିଉଡ ପ୍ଲେବ୍ୟାକ୍ ସିଙ୍ଗର ସିଦ୍ଧାର୍ଥ ମହାଦେବନଙ୍କ କଣ୍ଠରେ ଏହି ଗୀତରେ ବହୁ ସମୟ ଧରି ହଜି ଯାଇଥିଲେ ଶ୍ରୋତା। ଅବସର ଥିଲା ସିଦ୍ଧାର୍ଥ ମହାଦେବନଙ୍କ ରେଡ୍ ଲାଇଭ୍ କନଶର୍ଟ। ରେଡ୍ ଏଫ୍‌ଏମ୍ ପକ୍ଷରୁ ହୋଇଥିବା 'ମଲାଙ୍ଗ ଶନିବାର ୱିଥ୍ ସିଦ୍ଧାର୍ଥ ମହାଦେବନ'। ମଲାଙ୍ଗ, ବଣ୍ଟି ଔର ବବ୍‌ଲି, ଭାଗ୍ ମିଲ୍‌ଖା ଭାଗ୍ ଭଳି ତାଙ୍କର ଅନେକ ସୁପରହିଟ୍ ଗୀତକୁ ପରିବେଷଣ କରିଥିଲେ। ସିଦ୍ଧାର୍ଥଙ୍କ ଲାଇଭ୍ ପରଫର୍ମାନ୍ସ ବେଶ୍ ଜବରଦସ୍ତ ହୋଇଥିଲା। ତାଙ୍କର ପ୍ରତିଟି ଗୀତର ତାଳେ ତାଳେ ନାଚି ଉଠିଥିଲେ ଶ୍ରୋତା।

# ନନ୍ଦନକାନନକୁ ଆସିବେ ଓରାଂଉଟାଂ, ଜିରାଫ



ଅତିଥିମାନେ ବାର୍ଷିକ ବିଶେଷାଙ୍କ ଉନ୍ମୋଚନ କରୁଛନ୍ତି।

**୫୯ତମ ପ୍ରତିଷ୍ଠା ଦିବସ**

**ବାରଙ୍ଗ,୨୯।୧୨(ଡି.ଏନ୍.ଏ.)**

ନନ୍ଦନକାନନ ପ୍ରାଣୀ ଉଦ୍ୟାନର ନବକଳେବର ହେବ। ଶନିବାର ନନ୍ଦନକାନନ ପ୍ରାଣୀ ଉଦ୍ୟାନର ୫୯ତମ ପ୍ରତିଷ୍ଠା ଦିବସରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ସୂଚନା ଦେଇଛନ୍ତି। ସେ କହିଥିଲେ, ଖୁବଶୀଘ୍ର ନନ୍ଦନକାନନର ପଶ୍ଚିମପଟ ପରିସୀମା ବୃଦ୍ଧି କରାଯିବ। ଚନ୍ଦକା-ଡମପଡା ଅଭୟାରଣ୍ୟରୁ ୧୦୦ହେକ୍ଟର ପରିମିତ ଜାଗାକୁ ନନ୍ଦନକାନନରେ ସାମିଲ କରି ସେଠାରେ ହରିଣ ପାର୍କ କରାଯିବା ଯୋଜନାର କାର୍ଯ୍ୟ ଏବେ ଆଗେଇଛି। କାଞ୍ଜିଆହ୍ରଦକୁ ଆକର୍ଷଣୀୟ କରି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ହ୍ରଦ ସମ୍ମୁଖରେ ଥିବା ଜାଗାର ପୁନରୁଦ୍ଧାର ସହ ଜଳ ନିଷ୍କାସନର ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଥିଲେ। ନନ୍ଦନକାନନ ଛକଠାରୁ ବାରଙ୍ଗ ବଜାର ପର୍ଯ୍ୟନ୍ତ ରାସ୍ତାକୁ ଆଲୋକୀକରଣ କରାଯିବ ବୋଲି କହିଥିଲେ। ଏହି ଅବସରରେ ମନ୍ତ୍ରୀ ରାଉତରାୟ ବଟାନିକାଲ ଗାର୍ଡେନରେ ହୋଇଥିବା ଶାଗୁଣା ସଂରକ୍ଷଣ ଓ ପ୍ରଜନନ କେନ୍ଦ୍ରର ଉଦ୍‌ଘାଟନ କରିଥିଲେ। ନନ୍ଦନକାନନକୁ ଖୁବଶୀଘ୍ର ତାପଙ୍ଗିରୁ ଓରାଂଉଟାଂ, ମହିଶୂରରୁ ଜିରାଫ, ଗଣ୍ଡା ଆସିବ ବୋଲି ନନ୍ଦନକାନନ ଉପ-ନିର୍ଦ୍ଦେଶକ ଜୟନ୍ତ କୁମାର ଦାସ କହିଛନ୍ତି। ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ସନ୍ଦୀପ ତ୍ରିପାଠୀ ଓ ନିର୍ଦ୍ଦେଶକ ହରିଶଙ୍କର ଉପାଧ୍ୟାୟ ପର୍ଯ୍ୟଟକମାନଙ୍କ ଟୟ ଟ୍ରେନ ୬ମାସ ଓ ରୋପୱେ କାମ ୧ବର୍ଷ ମଧ୍ୟରେ ସରିବ ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ ଭୁବନେଶ୍ୱର ଉତ୍ତର ବିଧାୟକ ପ୍ରିୟଦର୍ଶୀ ମିଶ୍ର ଯୋଗଦେଇଥିଲେ। ଏହି ଅବସରରେ ଏକ କ୍ୟାଲେଣ୍ଡର ବାର୍ଷିକ ବିଶେଷାଙ୍କ ଉନ୍ମୋଚିତ ହୋଇଥିଲା। ଉତ୍ତମ କାର୍ଯ୍ୟ ପାଇଁ ନନ୍ଦନକାନନ, ବଟାନିକାଲ ଗାର୍ଡେନ ଓ ରାଜଭବନର ଅକ୍ଷୟ ଦାସ, ଶିବରାମ ସାହୁ, କେଦାର ପାତ୍ର, ଭାସ୍କର ପ୍ରଧାନଙ୍କ ସମେତ ୨୨ଜଣ କର୍ମଚାରୀଙ୍କୁ ୩ହଜାରେ ଟଙ୍କା ଓ ମାନପତ୍ର ପ୍ରଦାନ କରାଯାଇଥିଲା

## ୧୩ ମୃତ ବିଦେଶୀ ପକ୍ଷୀ ଜବତ :୨ ଗିରଫ

**ଟାଙ୍ଗୀ(ଖୋର୍ଦ୍ଧା), ୨୯।୧୨(ଡି.ଏନ.ଏ.)**

ଟାଙ୍ଗୀ ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନ ସୋର ନିକଟ ବାଲିକୁଦରେ ବନ୍ୟପ୍ରାଣୀ କର୍ମଚାରୀମାନେ ଚଢ଼ାଉ କରି ୨ ଜଣ ଶିକାରୀଙ୍କୁ ଗିରଫ କରିଛନ୍ତି। ଶନିବାର ସେମାନଙ୍କଠାରୁ ୧୩ ମୃତ ବିଦେଶୀ ପକ୍ଷୀ ଜବତ କରାଯାଇଥିବା ବନ୍ୟପ୍ରାଣୀ କର୍ମକର୍ତ୍ତା ସୁବାସ ଚନ୍ଦ୍ର ବେହେରାଙ୍କଠାରୁ ପ୍ରକାଶ । ସେମାନେ ହେଲେ ଅକ୍ଷୟ ଦାସ (୨୭) ଓ ଗୌରାଙ୍ଗ ବେହେରା (୩୯) ସେମାନେ ବ୍ରହ୍ମଗିରି ଥାନା ଅନ୍ତର୍ଗତ ଗୋପୀନାଥପୁର ବାସିନ୍ଦା । ସେମାନଙ୍କ ଠାରୁ ଗୋଟିଏ ୟୁରୋସିଆନ ଇଉଜନ, ୮ଟି ଲିଟିଲ ଗ୍ରେଭ୍, ୩ଟି ଗଡୱଲ ଓ ଗୋଟିଏ କମନଟିଲ୍ ମୃତ ବିଦେଶୀ ପକ୍ଷୀ ଜବତ କରାଯାଇଛି । ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି ।

### ଶ୍ରୀମନ୍ଦିରକୁ ପ୍ରଶାସନମୁକ୍ତ ଦାବିରେ ବିକ୍ଷୋଭ

**ପୁରୀ ଅଫିସ, ୨୯।୧୨:** ଶ୍ରୀମନ୍ଦିରରେ ସୃଷ୍ଟି ହୋଇଥିବା ଅଚଳାବସ୍ଥାକୁ ନେଇ ଓଡ଼ିଶା ସୁରକ୍ଷା ସେନା ପକ୍ଷରୁ ଶନିବାର ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଛି। ସେନା ପକ୍ଷରୁ କୁହାଯାଇଛି ଶ୍ରୀମନ୍ଦିର ହିନ୍ଦୁଧର୍ମର ସର୍ବୋଚ୍ଚ ମନ୍ଦିର। ଏହାର ରୀତିନୀତି ବିଶ୍ୱର କୌଣସି ମନ୍ଦିରରେ ନାହିଁ। ଏଠାରେ ବାରମ୍ବାର ଦେଖାଦେଉଥିବା ବିଶୃଙ୍ଖଳା କୋଟି କୋଟି ହିନ୍ଦୁଙ୍କ ମନରେ ଆଘାତ ପହଞ୍ଚାଉଛି। ରାଜ୍ୟ ସରକାର ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ମନ୍ଦିର ରୀତିନୀତିରେ ହସ୍ତକ୍ଷେପ ଯୋଗୁ ବିଶୃଙ୍ଖଳା ହେଉଛି। ଶ୍ରୀମନ୍ଦିରକୁ ସମ୍ପୂର୍ଣ୍ଣ ପ୍ରଶାସନମୁକ୍ତ କରାଯାଉ ବୋଲି ସେନା ଦାବି କରିଛି। ଏହି ବିକ୍ଷୋଭରେ ଦେବବ୍ରତ ମିଶ୍ର, ପାର୍ଥସାରଥି ସ୍ୱାଇଁ, ରଞ୍ଜିତ ବେହେରା, ଦୀପକ ପଣ୍ଡା, ଅନୁରାଧା ଦାସ, ପୀତାମ୍ବର ପଣ୍ଡା ପ୍ରମୁଖ ସାମିଲ ଥିଲେ।

### ■ ମେଡିକାଲରୁ ଫେରିବାବେଳେ ଲୁଟ
## ଅଟୋରେ ଯାଉଥିବା ଦମ୍ପତିଙ୍କଠାରୁ ଝାମ୍ପିନେଲେ ୩୦ହଜାର

**ଭୁବନେଶ୍ୱର, ୨୯।୧୨(ବ୍ୟୁରୋ)**

ଖଣ୍ଡଗିରି ଥାନାଠାରୁ ୨ଶହ ମିଟର ଦୂରରେ ଶନିବାର ଏକ ଦମ୍ପତିଙ୍କଠାରୁ ୩୦ହଜାର ଟଙ୍କା ଲୁଟ ହୋଇଛି। ଦମ୍ପତି ଅଟୋରେ ଯାଉଥିବା ସମୟରେ ୨ ଯୁବକ ବାଇକରେ ପଛରୁ ଆସି ସେମାନଙ୍କ ହାତରୁ ଟଙ୍କା ବ୍ୟାଗ୍ ଝାମ୍ପି ନେଇ ଚମ୍ପଟ ମାରିଛନ୍ତି। ଲୁଟର ଶିକାର ହୋଇଥିବା ମହିଳା ଫୁଲେଶ୍ୱରୀ ପ୍ରଧାନ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଘର କେନ୍ଦୁଝର ଜିଲାରେ।

ସୂଚନା ଅନୁଯାୟୀ, ଫୁଲେଶ୍ୱର ଓ ତାଙ୍କ ସ୍ୱାମୀ କ୍ଷୀରୋଦ ପ୍ରଧାନ ମଧୁମେହ ରୋଗରେ ପୀଡ଼ିତ। ତେଣୁ ଚିକିତ୍ସା ପାଇଁ ଦୁହେଁ ପ୍ରତିମାସରେ ଡୁମୁଡୁମା ଅଞ୍ଚଳରେ ଥିବା ଏକ ଘରୋଇ ହସ୍ପିଟାଲକୁ ଚିକିତ୍ସା ପାଇଁ ଆସନ୍ତି। ଶୁକ୍ରବାର ସେମାନେ ରାଜଧାନୀ ଆସି ବରମୁଣ୍ଡାରେ ଥିବା ଚନ୍ଦନ ଲଜରେ ରହିଥିଲେ। ସକାଳୁ ଦୁହେଁ ଚିକିତ୍ସା ପାଇଁ ଉକ୍ତ ହସ୍ପିଟାଲକୁ ଯାଇଥିଲେ। ସେମାନେ ଅପରାହ୍ନ ପ୍ରାୟ ୨ଟାରେ ଡାକ୍ତରଙ୍କୁ ଦେଖାଇ ହସ୍ପିଟାଲରୁ ଅଟୋରେ ଲଜକୁ ଫେରୁଥିବାବେଳେ ଏହି ଘଟଣା ଘଟିଥିଲା। ଲୁଟ୍ ପଛରେ ଅଟୋ ଡ୍ରାଇଭରଙ୍କ ସମ୍ପୃକ୍ତି ଥିବା ଦମ୍ପତି ସନ୍ଦେହ କରି ପୋଲିସକୁ ଜଣାଇଛନ୍ତି। ପୋଲିସ ଅଟୋ ଡ୍ରାଇଭରଙ୍କୁ ଅଟକ ରଖି ପଚରାଉଚରା କରୁଛି।


ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ 'ଆନ୍ତର୍ଜାତିକ ଓଡ଼ିଶୀ ନୃତ୍ୟ ମହୋତ୍ସବ'ର ଶନିବାର ଚତୁର୍ଥ ସନ୍ଧ୍ୟାରେ ଶିଳ୍ପୀ ସସ୍ମିତା ପଣ୍ଡା ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

## ମିସେସ୍ ହାର୍ଡ ୱାର୍କିଂ ହେଲେ ଶତରୂପା

**ଭୁବନେଶ୍ୱର,୨୯।୧୨(ବ୍ୟୁରୋ):** କୁଜଙ୍ଗ ବ୍ଲକ ପଙ୍କପାଳ ଗ୍ରାମର ସାମାଜିକ କର୍ମୀ ଦିବଂଗତ କେଦାରନାଥ ମିଶ୍ରଙ୍କ ବୋହୂ ଶତରୂପା ଦାଶ ନୂଆଦିଲ୍ଲୀରେ ଅନୁଷ୍ଠିତ 'ମିସେସ୍ ଇଣ୍ଡିଆ ମାଇଁ ଆଇଡେଣ୍ଟିଟି' ପ୍ରତିଯୋଗିତାରେ ଭାଗନେଇ ହାର୍ଡ ୱାର୍କିଂରେ ଟାଇଟଲ୍ ବିଜୟୀ ହୋଇଛନ୍ତି। ଭାଇବ୍ରାଣ୍ଟ କନ୍‌ସେପ୍ଟ ଟିମ ପକ୍ଷରୁ ଡିସେମ୍ବର ୧୫ରୁ ୧୯ ପର୍ଯ୍ୟନ୍ତ ହୋଇଥିବା ଏହି ଜାତୀୟସ୍ତର ପ୍ରତିଯୋଗିତାରେ ଶ୍ରେଷ୍ଠତା ପାଇଁ କଲଚରାଲ ରାଉଣ୍ଡ, ଟ୍ୟାଲେଣ୍ଟ ରାଉଣ୍ଡ ଏବଂ ପ୍ରେଜେଣ୍ଟେସନ ରାଉଣ୍ଡ କରାଯାଇଥିଲା। ସାରା ଦେଶରୁ ୨୩ ପ୍ରତିଯୋଗୀଙ୍କୁ ପଛରେ ପକାଇ ଶତରୂପା ଟାଇଟଲ ବିଜୟୀ ହୋଇଥିଲେ। କଲ୍‌ଚରାଲ ରାଉଣ୍ଡରେ ସେ ଓଡ଼ିଶୀ ବସ୍ତ୍ର, ଗହଣା, ପଟଚିତ୍ର ଅଙ୍କିତ ବସ୍ତ୍ର ସହିତ ଆଧୁନିକ ରୂପସଜ୍ଜା ଓ ଆଦିବାସୀଙ୍କ ପାରମ୍ପରିକ ଗହଣା ପିନ୍ଧି ର୍ୟାମ୍ପରେ ଚାଲିଥିଲେ। ପ୍ରେଜେଣ୍ଟେଶନ ରାଉଣ୍ଡରେ କନ୍ୟାଭ୍ରୂଣ ହତ୍ୟାର ଭୟାବହତା ସମ୍ପର୍କରେ ଏକ ହୃଦୟସ୍ପର୍ଶୀ କବିତା ପାଠ କରି ଉପସ୍ଥିତ ବିଚାରକଙ୍କୁ ଚମକୃତ କରିଦେଇଥିଲେ। ସେହିପରି ଟ୍ୟାଲେଣ୍ଟ ରାଉଣ୍ଡରେ କ୍ଲାସିକାଲ ଓ ମଡର୍ନ ସଙ୍ଗୀତରେ କଣ୍ଠଦାନ କରିଥିଲେ। ବିବାହ ପରେ ଶିକ୍ଷକତା ଛାଡ଼ି ସମାଜସେବାକୁ ଆଦରି ନେଇଥିବା ଏହି ପ୍ରତିଭାସମ୍ପନ୍ନ ମହିଳା ବହୁବାର ମଞ୍ଚରେ ନୃତ୍ୟ ନାଟିକା ପରିବେଷଣ କରିଛନ୍ତି। ସାରସ୍ୱତ ସାଧନା ସହ କବିତା ଲିଖନ ଓ ଏହି ଦିଗରେ ପରିଶ୍ରମ ଯୋଗୁ ସଫଳତା ପାଇଥିବା ସେ କହିଛନ୍ତି। ନିଜ ସଫଳତାର ଶ୍ରେୟ ସ୍ୱାମୀ ବାବୁ ମିଶ୍ର ଓ ଦୁଇ ସନ୍ତାନଙ୍କୁ ଦେଇଛନ୍ତି।




# ଚିଲିକାରେ ନୌକାଚାଳନା ପ୍ରତିଯୋଗିତା



**ଖୋର୍ଦ୍ଧା ଅଫିସ,୨୯।୧୨**

ବଡକୁଳସ୍ଥିତ ଓଡିଆ ଆର୍ଟ ସେଣ୍ଟର ପକ୍ଷରୁ ୨ୟ ସେଲଡକ୍ କାର୍ନିଭାଲ୍ ଅବସରରେ ଚିଲିକାରେ ନୌକା ଚାଳନା ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚିଲିକା ପାର୍ଶ୍ୱବର୍ତ୍ତୀ ମତ୍ସ୍ୟଜୀବୀମାନଙ୍କର ୧୨ଟି ନୌକା ଚାଳନା ଦଳ ଅଂଶଗ୍ରହଣ କରିଥିଲେ। ଦୁଇ ପର୍ଯ୍ୟାୟରେ ଅନୁଷ୍ଠିତ ନୌକା ଚାଳନା ପ୍ରତିଯୋଗିତାରେ ଶାନ୍ତି ନଗର ଗାଁର ସୁଶାନ୍ତ ସରକାରଙ୍କ ଦଳ ପ୍ରଥମ, ସନ୍ୟାସୀ ନଗର ଗାଁର ବିଧାନ ବିଶ୍ୱାସଙ୍କ ଦଳ ୨ୟ ସ୍ଥାନରେ, ଶାନ୍ତିନଗର ଗାଁର ଶଙ୍କର ମଣ୍ଡଳଙ୍କ ଦଳ ତୃତୀୟ ସ୍ଥାନରେ ରହିଛନ୍ତି। କୃତୀ ପ୍ରତିଯୋଗୀମାନେ ୩୧ ତାରିଖରେ ସମ୍ବର୍ଦ୍ଧିତ ହେବେ। ଓଡିଆ ଆର୍ଟ ସେଣ୍ଟରର ମୁଖ୍ୟ କାର୍ଯ୍ୟନିର୍ବାହୀ ରଶ୍ମି ରଞ୍ଜନ ଆଚାର୍ଯ୍ୟ, ମୁଖ୍ୟ ପରିଚାଳକ ଶୁଭମ ରାୟ, ଓଡିଡିସି ବଡକୁଳ ପାନ୍ଥନିବାସର ପରିଚାଳନା ଅଧିକାରୀ ରବୀନ୍ଦ୍ର ଦାସ ଯୋଗଦେଇ ଥିଲେ।

୩୪
1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଅନ୍ୟଠାରୁ ନିଜକୁ ଉଚ୍ଚ ବୋଲି ମଣିବା ହେଉଛି ଭଗବାନଙ୍କ ପ୍ରତି ଦ୍ରୋହ ଆଚରଣ।
-ମହାତ୍ମା ଗାନ୍ଧୀ



# ଅଂଶୁପାରେ ଜମୁଛି ପର୍ଯ୍ୟଟକଙ୍କ ଭିଡ଼

**ବାଙ୍କୀ,୨୯।୧୨(ସ୍ୱ.ପ୍ର.)**

ବାଙ୍କୀ ବ୍ଲକ ସରଣ୍ଡା ପାହାଡ଼ ପାଦଦେଶରେ ଅବସ୍ଥିତ ତଥା ଏସିଆର ଦ୍ୱିତୀୟ ବୃହତ୍ତ ମଧୁର ଜଳହ୍ରଦ ଭାବେ ପରିଚିତ ଅଂଶୁପାରେ ଏବେ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। ପର୍ଯ୍ୟଟନ ଋତୁ ଚାଲିଥିବାବେଳେ ପ୍ରତିଦିନ ପର୍ଯ୍ୟଟକଙ୍କ ଗହଣରେ ଶୋଭାମୟୀ ହୋଇଉଠୁଛି ଅଂଶୁପା। ବିଦେଶାଗତ ପକ୍ଷୀ ଏହି ମଧୁର ହ୍ରଦରେ ଡେରା ପକାଉଥିବାବେଳେ ଏହା ପର୍ଯ୍ୟଟକଙ୍କ ମୁଖ୍ୟ ଆକର୍ଷଣ ପାଲଟିଛି। ବିଗତ ଦିନରେ ଅଂଶୁପା ବିଭିନ୍ନ ପ୍ରକାର ଦଳ ଏବଂ ପଙ୍କରେ ଭର୍ତ୍ତିହୋଇ ନିଜର କଳେବର ହରାଇଥିଲା। ବିଦେଶରୁ ଆସିଥିବା ଅତ୍ୟାଧୁନିକ ଯନ୍ତ୍ରାଂଶ ସାହାଯ୍ୟରେ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଏହାକୁ ସଫା କରିବାର ପ୍ରୟାସ ଆରମ୍ଭ କରିଛନ୍ତି। ଫଳରେ ଅଶ୍ୱଖୁରାକୃତି ୭୪୮ ଏକର ବିଶିଷ୍ଟ ଅଂଶୁପା କାଳକ୍ରମେ ପୋତିହୋଇ ୩୪୨ ଏକର ମଧ୍ୟରେ ସୀମିତ ରହିଛି। ପଙ୍କ ଉଦ୍ଧାର ଏବଂ ଦଳ ସଫେଇ ପରେ ଅଂଶୁପାର ନୀଳଜଳରାଶି ଶୋଭା ଦ୍ୱିଗୁଣିତ ହେବ ବୋଲି ଅଞ୍ଚଳବାସୀ ଆଶାପୋଷଣ କରିଛନ୍ତି। ତତ୍ ସହିତ ୧୦ଫୁଟ ଜଳ ଧାରଣ କରିଥିବା ଅଂଶୁପା ନିଜର ପୂର୍ବ ସ୍ଥିତି ଫେରି ମହାନଦୀର ନୀଳଜଳକୁ ଧାରଣ କ୍ଷମତା ବଢ଼ାଇପାରିବ ବୋଲି କୁହାଯାଉଛି।



ଅଂଶୁପା ହ୍ରଦରେ ପର୍ଯ୍ୟଟକ ବୋଟିଂ କରୁଛନ୍ତି।

- **ଆକର୍ଷଣ ପାଲଟିଛନ୍ତି ବିଦେଶୀ ପକ୍ଷୀ**
- **ଆବଶ୍ୟକ ପାନୀୟ ଜଳ ମିଳୁନି**

ଅଂଶୁପାରେ ସ୍ଥାନୀୟ କୈବର୍ତ୍ତ୍ୟ ମାଛଧରି କୌଳିକ ବୃତ୍ତି ନିର୍ବାହ କରୁଥିଲେ। ଏଠାକାର ରୋହି, ଭାକୁର, ଶେଉଳ ଓ ମିରିକାଳି ମାଛ ରାଜଧାନୀ ଭୁବନେଶ୍ୱର ସମେତ କଟକ, ଢେଙ୍କାନାଳ, ଆଠଗଡ ଏବଂ ସ୍ଥାନୀୟ ଅଞ୍ଚଳର ଚାହିଦା ମେଣ୍ଟାଉଥିଲା। କିନ୍ତୁ ପୋତି ହୋଇ ପଡିଥିବା ଅଂଶୁପା ବିଗତ ଦିନରେ ୨୦୦୦ ମତ୍ସ୍ୟଜୀବୀ ପରିବାରକୁ ନିରାଶ କରିଥିବାବେଳେ ପଙ୍କ ଉଦ୍ଧାର ପରେ ଜଳଧାରଣ କ୍ଷମତା ବଢିଲେ ଏହି ପରିବାର ସେମାନଙ୍କ ଜୀବିକା ସୂଚାରୁ ରୂପେ ତୁଲାଇପାରିବେ ବୋଲି ଆଶା ବ୍ୟକ୍ତ କରିଛନ୍ତି। ପାହାଡ ଉପରୁ ମନୋରମ ସୂର୍ଯ୍ୟାସ୍ତକୁ ଉପଭୋଗ କରୁଛନ୍ତି ପର୍ଯ୍ୟଟକ। ପାହାଡ ଉପରେ ପର୍ଯ୍ୟଟକଙ୍କ ପାଇଁ ଆଠଗଡ଼ ବନଖଣ୍ଡ ତରଫରୁ ଦୁଇ ବାଉଁଶ ଘର ନିର୍ମାଣ କରାଯାଇଥିବାବେଳ ଆଉ ୨ଟି ନୂତନ ବାଉଁଶ ଘର ନିର୍ମିତ ହୋଇଛି। ପାର୍କିଂ ବ୍ୟବସ୍ଥା ସହିତ ଶୌଚାଳୟ ନିର୍ମାଣ କରାଯାଇଛି। ରାଜରାଜୁଡା ଅମଳର ବାରୁଦଘର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ପାହାଡ ପାଦଦେଶରେ ସ୍ଥାନୀୟ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ସହାୟତାରେ ଦେଖାଶୁଣା କରାଯାଉଥିବା ବଗିଚା ଆଗନ୍ତୁକଙ୍କୁ ଆକୃଷ୍ଟ କରିବାରେ ଲାଗିଛି। ଅଂଶୁପାର ଜଳରାଶିରେ ପର୍ଯ୍ୟଟକ ବୋଟିଂ ସୁବିଧା ପାଇ ଖୁସି ଜାହିର କରୁଛନ୍ତି। ପ୍ରଶାସନ ପକ୍ଷରୁ ସୁରକ୍ଷା ପାଇଁ ଲାଇଫ୍ ଜ୍ୟାକେଟ ସହିତ ଅନ୍ୟ ବ୍ୟବସ୍ଥା କରାଯାଇଛି। ଆବଶ୍ୟକ ପାନୀୟ ଜଳଯୋଗାଣ ନ ହେବା ଯୋଗୁ ପର୍ଯ୍ୟଟକ କ୍ଷୋଭ ପ୍ରକାଶ କରୁଛନ୍ତି। ପ୍ରାକୃତିକ ଶୋଭାରାଜିରେ ଭରପୁର ଅଂଶୁପାରେ ପୂର୍ବରୁ ରୋପୱେ, ମାଛଧରା ଜେଟି, ହସ୍ତଶିଳ୍ପ ବଜାର, ହରିଣ ପାର୍କ, ଆକର୍ଷଣୀୟ ପ୍ରବେଶ ତୋରଣ ଆଦି କରିବା ପାଇଁ ଚିନ୍ତା କରୁଥିବା ବେଳେ ତାହା ଏଯାବତ୍ ହୋଇପାରିନାହିଁ। ତେଣୁ ପର୍ଯ୍ୟଟକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ବିଭିନ୍ନ ପ୍ରକଳ୍ପମାନ ଅଂଶୁପାରେ କରାଗଲେ ଭାରତ ପର୍ଯ୍ୟଟନ ମାନଚିତ୍ରରେ ଅଂଶୁପାର ଶିରି ବଜାୟ ରହିବ ବୋଲି ଅଞ୍ଚଳବାସୀ କହିଛନ୍ତି।






ବିଭୂତି



ମହେଶ୍ୱର



ପ୍ରିୟରଞ୍ଜନ



ପିଙ୍କି



ପୂର୍ବ୍ୟଦିତା



ରାକେଶ



ସନ୍ତୋଷ



ସ୍ୱାଗତିକା



ସିଦ୍ଧାର୍ଥ



ବିଜୟ

## ସଂକ୍ଷେପରେ

### ୧୦ଦିନରେ ମହାଲକ୍ଷ୍ମୀ ଉତ୍ସବ

**ବଡ଼ମ୍ବା,୨୯।୧୨ (ଡି.ଏନ୍.ଏ.):** ବଡ଼ମ୍ବା ବ୍ଲକ ରତାପାଟ ଗ୍ରାମରେ ଚାଲିଥିବା ଦ୍ୱିତୀୟ ବାର୍ଷିକ ମହାଲକ୍ଷ୍ମୀ ଉତ୍ସବ ଶନିବାର ୧୦ ଦିନରେ ପହଞ୍ଚିଛି। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପୂଜା ମଣ୍ଡପରେ ମହାଲକ୍ଷ୍ମୀଙ୍କ ମୃଣ୍ମୟ ମୂର୍ତ୍ତି ପୂଜା କରାଯାଉଛି। ରବିବାର ଏହି ଉତ୍ସବ ଉଦ୍‌ଯାପିତ ହେବ ବୋଲି ପୂଜା କମିଟି ତରଫରୁ କୁହାଯାଇଛି। ବିଧାୟକ ଦେବୀ ପ୍ରସାଦ ମିଶ୍ରଙ୍କ ସମେତ ବହୁ ଶ୍ରଦ୍ଧାଳୁ ପୂଜା ମଣ୍ଡପ ବୁଲି ମା'ଙ୍କ ଦର୍ଶନ କରିଥିଲେ। ବିଭିନ୍ନ ରଙ୍ଗ ବେରଙ୍ଗ ଆଲୋକ ସଜ୍ଜା ସାଙ୍ଗକୁ ୩ ଅପେରା ପାର୍ଟି ଲୋକଙ୍କୁ ବେଶ୍ ଆକର୍ଷିତ କରୁଛି। ବିଧାୟକଙ୍କ ପରିଦର୍ଶନ ବେଳେ ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର କୁମାର ସାହୁ, ବ୍ଲକ ଉପାଧ୍ୟକ୍ଷ ସଦାନନ୍ଦ ସ୍ୱାଇଁ, ପୂଜା କମିଟି ସଭାପତି ହରିହର ବଳବନ୍ତରାୟ, ଗଗନ ବିହାରୀ ଗଜେନ୍ଦ୍ର ସିଂହ, ରଜନୀକାନ୍ତ ବଳବନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

### କ୍ରୀଡ଼ାବିତ୍‌ଙ୍କ ପରଲୋକ

**ବାଙ୍କୀ,୨୯।୧୨(ସ୍ୱ.ପ୍ର.):**ବାଙ୍କୀର ବିଶିଷ୍ଟ କ୍ରୀଡ଼ାବିତ୍ ତଥା ଅବସରପ୍ରାପ୍ତ ବିଦ୍ୟୁତ୍ ବିଭାଗ ଅଧିକାରୀ ଗୁରୁଚରଣ ଦାସଙ୍କ ଶନିବାର ତାଙ୍କ ଚର୍ଚ୍ଚିକା ମନ୍ଦିର ନିକଟସ୍ଥ ବାସଭବନରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୭୨ବର୍ଷ ହୋଇଥିଲା। ଜଣେ କ୍ରୀଡାବିତ୍ ଭାବେ ତାଙ୍କର ବିଶେଷ ସୁନାମ ଥିଲା। ହଠାତ୍ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ଉପଖଣ୍ଡ ଚିକିତ୍ସାଳୟ କୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁରେ ବାଙ୍କୀରେ ଶୋକର ଛାୟା ଖେଳିଯାଇଛି। ଅଞ୍ଚଳର ବହୁ ରାଜନେତା ଓ ଜନସାଧାରଣ ତାଙ୍କ ବାସ ଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

### ବାହ୍ୟ ଶୌଚମୁକ୍ତ ଏନଏସି ପାଇଁ ବାଙ୍କୀ ପ୍ରଶଂସିତ




**ବାଙ୍କୀ,୨୯।୧୨(ବି.ପ୍ର.):** ୨୦୧୮ ମାର୍ଚ୍ଚ ୩୦ରେ ରାଜ୍ୟ ସରକାର ବାଙ୍କୀକୁ ରାଜ୍ୟର ୧ମ ବାହ୍ୟ ଶୌଚମୁକ୍ତ ଏନଏସି ଘୋଷଣା କରିଥିଲେ। ପରେ କେନ୍ଦ୍ର ସରକାର ବାଙ୍କୀକୁ ପରିମଳ ବ୍ୟବସ୍ଥାରେ ଶ୍ରେଷ୍ଠ ସହର ବୋଲି ମଧ ଘୋଷଣା କରିଥିଲେ। ଏଥିପାଇଁ ଶନିବାର ପୂର୍ବାହ୍ନ ୧୧ଟା ୩୦ରେ ଭୁବନେଶ୍ୱରସ୍ଥିତ ସ୍ୱସ୍ତି ପ୍ରିମିୟମ ହୋଟେଲଠାରେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଫ୍ଲାଗସିପ୍ କାର୍ଯ୍ୟକ୍ରମରେ ବାଙ୍କୀ ଏନ୍ଏସିକୁ ସ୍ୱତନ୍ତ୍ର ପ୍ରଶଂସାପତ୍ର ପ୍ରଦାନ କରାଯାଇଛି। ଗ୍ରୀନ୍‌ଫିଲ୍ଡ ଷ୍ଟ୍ରିଟଲାଇଟ୍‌ର ତ୍ରୈପାକ୍ଷିକ ଚୁକ୍ତିନାମା କରିବା ପରିପ୍ରେକ୍ଷୀରେ ବାଙ୍କୀ ଏନଏସି ନିର୍ବାହୀ ଅଧିକାରୀ ସତ୍ୟବ୍ରତ ମନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ଦିଲୀପ କୁମାର ସ୍ୱାଇଁ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କଠାରୁ ପ୍ରଶଂସାପତ୍ର ଗ୍ରହଣ କରିଥିଲେ।



ବାଙ୍କୀ: ଡମପଡ଼ା ବ୍ଲକ କୁଶପଙ୍ଗି ଗ୍ରାମରେ ବିଷ ପିଇ ଆତ୍ମହତ୍ୟା କରିଥିବା ଚାଷୀ ଚୈତନ୍ୟ ପରିଡ଼ାଙ୍କ ଉଜୁଡ଼ିଯାଇଥିବା କୋବି ଫସଲ।

## ବିଜେଡିରେ ଯୋଗଦେଲେ ଅନ୍ୟ ଦଳର କର୍ମୀ



ବିଜେଡିରେ ସାମିଲ ହୋଇଥିବା ପଲ୍ଲୀସାହି ପଞ୍ଚାୟତର ଜନସାଧାରଣ।

**ମାହାଙ୍ଗା,୨୯।୧୨(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ପଲ୍ଲୀସାହି ପଞ୍ଚାୟତର ବହୁ ଅନ୍ୟ ଦଳର କର୍ମୀ ଦଳ ଛାଡି ବିଜେଡିରେ ଯୋଗଦାନ କରିଛନ୍ତି। ମାହାଙ୍ଗା ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନାଙ୍କ ସରକାରୀ ବାସଭବନ ଭୁବନେଶ୍ୱରରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଏଥିରେ ମନ୍ତ୍ରୀ ଜେନା ଉପସ୍ଥିତ ରହି ସେମାନଙ୍କୁ ସ୍ୱାଗତ କରିଥିଲେ। ପଞ୍ଚାୟତର ଅନିରୁଦ୍ଧ ମହାନ୍ତି, କ୍ଷୀରୋଦ ଚନ୍ଦ୍ର ଲେଙ୍କା, ଉଦୟ ନାଥ ନାୟକ, ଶରତ ଚନ୍ଦ୍ର ସ୍ୱାଇଁ, ଅମରେଶ୍ୱର ନାୟକ ପ୍ରମୁଖ ଦଳରେ ସାମିଲ ହୋଇଛନ୍ତି। କାର୍ଯ୍ୟକ୍ରମରେ ସରପଞ୍ଚଙ୍କ ପ୍ରତିନିଧି ସୁରେନ୍ଦ୍ର ସାମଲ, ଆମ୍ବା ଅଧ୍ୟକ୍ଷ ଗୌତମ ଶରଣ, ସନାତନ ଦାସ, ଦୁଷ୍ମନ୍ତ ଓଝା ପ୍ରମୁଖ ଉପସ୍ଥିତ ଥିଲେ।

## ଆଠଗଡ଼ ଏନ୍ଏସିର ସବୁ ୱାର୍ଡ ବାହ୍ୟ ଶୌଚମୁକ୍ତ

**ଆଠଗଡ଼,୨୯।୧୨(ସ୍ୱ.ପ୍ର.)**

ସ୍ୱଚ୍ଛ ଓଡ଼ିଶା, ସୁସ୍ଥ ଓଡ଼ିଶା ଯୋଜନାରେ ଆଠଗଡ଼ ଏନଏସିର ସମସ୍ତ ୧୮ ୱାର୍ଡକୁ ବାହ୍ୟ ଶୌଚମୁକ୍ତ ଘୋଷଣା କରାଯାଇଛି। ଶୁକ୍ରବାର ଏନଏସି କାର୍ଯ୍ୟାଳୟ ସନ୍ନିକଟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଏହି ଘୋଷଣା ହୋଇଛି। ଏଥିରେ ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶିକା ସୁମିତା ସରକାର, ଆଠଗଡ ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡା. ବିଜୟ ମିଶ୍ର, ସୁଚିତ୍ରା ସାହୁ, ପ୍ରମଥ ଚନ୍ଦ୍ର ମିଶ୍ର, ଶିଶିର କୁମାର ମାନସିଂ ପ୍ରମୁଖ ମଞ୍ଚାସୀନ ଥିଲେ। ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟ, ଗୋପବନ୍ଧୁ ମହିଳା ଯୁକ୍ତ ୨ ଓ ଯୁକ୍ତ ୩ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ଅଧ୍ୟାପିକାଅଧ୍ୟାପକ ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନେ ଉପସ୍ଥିତ ଥିଲେ। ନିର୍ବାହୀ ଅଧିକାରୀ ସତ୍ୟରଞ୍ଜନ ପଣ୍ଡା ଅଧ୍ୟକ୍ଷତା କରିଥିଲା ବେଳେ ଏନଏସି କର୍ମଚାରୀ ନିରଞ୍ଜନ ଦାସ, ସୁଶାନ୍ତ ବେହେରା, ରଘୁନାଥ ମହାନ୍ତି ଓ ଅନ୍ୟ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସିନିୟର ସିଟିଜେନ ଫୋରମ୍‌ର ସାଧାରଣ ଅଧିବେଶନ

**ନରସିଂହପୁର,୨୯।୧୨(ସ୍ୱ.ପ୍ର.)**

ନରସିଂହପୁର ସିନିୟର ସିଟିଜେନ୍ ଫୋରମର ୩ୟ ସାଧାରଣ ଅଧିବେଶନ ନିଜିଗଡ଼ ପଞ୍ଚାୟତ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଫୋରମ ସଭାପତି ଆଇନଜୀବୀ ତ୍ରିଲୋଚନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପଦେଷ୍ଟା ତଥା ସରପଞ୍ଚ ପ୍ରଭାକର ମିଶ୍ର ଯୋଗଦେଇ ବରିଷ୍ଠ ନାଗରିକଙ୍କ ସୁରକ୍ଷା ସମ୍ପର୍କରେ ଏକତ୍ରିତ ହେବା ପାଇଁ ଆହ୍ୱାନ ଦେଇଥିଲେ। କବି ଦୁର୍ଯ୍ୟୋଧନ ବରାଳ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷାବିତ ସଚ୍ଚିଦାନନ୍ଦ ଦାଶ, କୁଳମଣି ବାରିକ, ନାଥ ବେହେରା, ସନାତନ ସ୍ୱାଇଁ ପ୍ରମୁଖ ଶତାଧିକ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ। ଶେଷରେ ଦେବରାଜ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ଗୋପାଳପୁର ମଣ୍ଡି ସ୍ଥାନାନ୍ତରକୁ ବିରୋଧ

**ମାହାଙ୍ଗା,୨୯।୧୨(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକରେ ଥିବା ଗୋପାଳପୁର ସେବା ସମବାୟ ସମିତି ଚଳିତ ବର୍ଷ ମଣ୍ଡି ଖୋଲି ଚାଷୀଙ୍କଠାରୁ ଧାନ କ୍ରୟ କରିବ ବୋଲି ନିର୍ଦ୍ଦେଶ ରହିଥିଲା। କିନ୍ତୁ ସମିତି ପକ୍ଷରୁ ଏହାକୁ ସ୍ଥାନାନ୍ତର କରାଯାଇ ୮ କି.ମି. ଦୂର ଗୋତରା ସେବା ସମବାୟ ସମିତିରେ ମଣ୍ଡି ଖୋଲାଯାଇଛି। ଫଳରେ ଏହାର ପ୍ରତିବାଦ କରି ଶନିବାର ଚାଷୀମାନେ ସମିତି ସମ୍ମୁଖରେ ଧାନ ରଖି ଧାରଣା ଦେଇଛନ୍ତି। ଏଥିସହ ତେଣୁ ତୁରନ୍ତ ଗୋପାଳପୁରଠାରେ ମଣ୍ଡି ଖୋଲିବା ପାଇଁ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ଭଦ୍ରେଶ୍ୱର, ଗୋପାଳପୁର, କୁରୁଜଙ୍ଗା ଆଦି ପଞ୍ଚାୟତ ଚାଷୀଙ୍କୁ ନେଇ ଗୋପାଳପୁର ସେବା ସମବାୟ ସମିତି କାର୍ଯ୍ୟ କରୁଛି। କିନ୍ତୁ ଗୋପାଳପୁରଠାରେ ମଣ୍ଡି ଖୋଲା ଯାଇ ନ ଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ରଞ୍ଜନ ପ୍ରଧାନ, ହୃଷୀକେଶ ସାମଲ, ବିରଞ୍ଚି ନାରାୟଣ ସାମଲ, ବିଜୟାନନ୍ଦ ସିଂହ, ଜ୍ଞାନେନ୍ଦ୍ର ବିଶ୍ୱାଳ, ଅଜୟ ରାଉତରାୟ, ବିପିନ ବିହାରୀ ସ୍ୱାଇଁ, ପ୍ରଫୁଲ୍ଲ ତ୍ରିପାଠୀ ଓ ଭାବଗ୍ରାହୀ ସାମଲଙ୍କ ସମେତ ବହୁ ଚାଷୀ ଧାରଣାରେ ସାମିଲ ହୋଇଥିଲେ। ଏ ସମ୍ପର୍କରେ ବ୍ଲକ୍ ସମବାୟ ସମିତି ସମ୍ପ୍ରସାରଣ ଅଧିକାରୀ ବିନୟ ରଞ୍ଜନ ବଳ କହିଛନ୍ତି, ଏହି ସମବାୟ ସମିତି କାର୍ଯ୍ୟାଳୟ ନିକଟରେ ମଣ୍ଡି ଖୋଲିବା ନେଇ ପୂର୍ବରୁ ସମସ୍ୟା ରହିଥିଲା। ଏଣୁ ଏଠାରେ ମଣ୍ଡି ଖୋଲା ନ ଯାଇ ଗୋତରା ସମବାୟ ସମିତି ନିକଟରେ ମଣ୍ଡି ଖୋଲାଯାଇ ଧାନ କ୍ରୟ କରାଯାଉଛି। ଏ ନେଇ ଜିଲାପାଳଙ୍କୁ ଅବଗତ କରାଯାଇଛି। ତାଙ୍କ ନିର୍ଦ୍ଦେଶ ଆସିଲା ପରେ ଯାହା କରାଯିବ।



ଗୋପାଳପୁର ସେବା ସମବାୟ ସମିତି ଆଗରେ ଚାଷୀ ଧାନ ରଖି ଧାରଣା ଦେଇଛନ୍ତି।



ଅନ୍ୟଠାରୁ ନିଜକୁ ଉଚ୍ଚ ବୋଲି ମଣିବା ହେଉଛି ଭଗବାନଙ୍କ ପ୍ରତି ଦ୍ରୋହ ଆଚରଣ।

-ମହାତ୍ମା ଗାନ୍ଧୀ

## ସଂକ୍ଷେପରେ

### ପୋଲିସର ସ୍ୱତନ୍ତ୍ର ଡ୍ରାଇଭ୍: ଜରିମାନା ଆଦାୟ

**କଟକ ଅଫିସ, ୨୯।୧୨:** କର୍କଶ ହର୍ନ, ଅତ୍ୟାଧୁନିକ ନମ୍ବର ପ୍ଲେଟ, ଅଧିକ ଶବ୍ଦ ବାହାରୁଥିବା ସାଇଲେନ୍ସର ଲଗାଇ ବାଇକ୍ ଚଳାଉଥିବା ଚାଳକଙ୍କୁ ଧରିବା ପାଇଁ କଟକ ଟ୍ରାଫିକ୍ ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଡ୍ରାଇଭ୍ ଆରମ୍ଭ ହୋଇଛି। ଶନିବାର ପ୍ରଥମ ଦିନରେ ମାଲଗୋଦାମ ଥାନା ଅନ୍ତର୍ଗତ ଯୋବ୍ରା ଅଞ୍ଚଳରେ ପୋଲିସ ଚଢ଼ାଉ କରି ୯ଟି ହର୍ନ, ୧୯ଟି ଫ୍ୟାନ୍ସି ନମ୍ବର ପ୍ଲେଟ୍, ଦୁଇଟି ସାଇଲେନ୍ସର ଜବତ କରିବା ସହ ଗାଡି ଚାଳକମାନଙ୍କ ଠାରୁ ୭ହଜାର ଟଙ୍କା ଜରିମାନା ଆଦାୟ କରିଛି। ଆଗାମୀ ଦିନରେ ସହରର ଅନ୍ୟ ସ୍ଥାନରେ ଏହି ଡ୍ରାଇଭ୍ ଜାରି ରହିବ ବୋଲି ଡିସିପି ଅଖିଳେଶ୍ୱର ସିଂ ସୂଚନା ଦେଇଛନ୍ତି।

### ତାଲା ଭାଙ୍ଗି ଅଳଙ୍କାର, ୩୦ ହଜାର ଚୋରି

**କଟକ ଅଫିସ,୨୯।୧୨:** ପୁରୀଘାଟ ଥାନା ଅଧୀନ ଭଗତପୁର ଅଞ୍ଚଳର ଏକ ଘରୁ ଶୁକ୍ରବାର ରାତିରେ ଦୁର୍ବୃତ୍ତମାନେ ଅଳଙ୍କାର ଓ ୩୦ ହଜାର ଟଙ୍କା ଚୋରିକରି ନେଇଛନ୍ତି। ଏ ନେଇ କୃଷ୍ଣଚନ୍ଦ୍ର ପୃଷ୍ଟି ନାମକ ବ୍ୟକ୍ତି ଶନିବାର ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ତିନି ମହଲା ବିଶିଷ୍ଟ ଉକ୍ତ ଘରର ତଳ ମହଲାରେ କୃଷ୍ଣଚନ୍ଦ୍ର ରହୁଥିବାବେଳେ ମଝି ମହଲାରେ ତାଙ୍କ ବଡଭାଇ ରହୁଥିଲେ। ଶୁକ୍ରବାର ତାଙ୍କ ବଡଭାଇ ପରିବାର ଲୋକଙ୍କ ସହ କୌଣସି କାମରେ ବାହାରକୁ ଯାଇ ରାତିରେ ଆଉ ଫେରି ନ ଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଉକ୍ତ ଘରର ତାଲା ଭାଙ୍ଗି ଭିତରେ ଥିବା ଦୁଇଟି ସୁନାମୁଦି, ହଳେ ରୁପା ପାଉଁଜି, ଗୋଟିଏ ସୁନାଚେନ୍ ସହ ୩୦ ହଜାର ଟଙ୍କା ଚୋରିକରି ନେଇଛନ୍ତି। ଶନିବାର ସକାଳେ ଏହା ଜଣାପଡିବା ପରେ ଥାନାରେ ଅଭିଯୋଗ ହୋଇଥିଲା।

### ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମ

**ଚୌଦ୍ୱାର, ୨୯।୧୨(ଡି.ଏନ୍.ଏ.):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ କୟଲପଡା ଗ୍ରାମର ଦଧିବାମନ ମନ୍ଦିର ନିକଟରେ ଶନିବାର ବିଜୁ ଯୁବ ବାହିନୀ ପକ୍ଷରୁ ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ଜୟଶ୍ରୀ ପ୍ରଧାନ, ଉପାଧକ୍ଷା ଜାନକୀ ପରିଡା ଓ ବିଡିଓ ବିନୋଦ ସେନାପତି ଯୋଗଦେଇଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର କୁନି ପ୍ରତିଭାମାନଙ୍କ ମଧରେ ନୃତ୍ୟ, ଗୀତ ଓ ଏକକ ଅଭିନୟ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଜୁ ଯୁବ ବାହିନୀ ସଭାପତି ଦିପକ୍ କୁମାର ବରାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### କମିଶନରେଟ୍ ପୋଲିସର ମାସିକ ଅପରାଧ ସମୀକ୍ଷା ବୈଠକ

**କଟକ ଅଫିସ,୨୯।୧୨:** କମିଶନରେଟ୍ ପୋଲିସ ପକ୍ଷରୁ ମାସିକ ଅପରାଧ ସମୀକ୍ଷା ବୈଠକ ଶନିବାର ଡିସିପିଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟତଃ ସହରରେ ବଢୁଥିବା ଚୋରି, ଲୁଟ୍ ସହ ଆସନ୍ତା ନବବର୍ଷରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ଉପରେ ଆଲୋଚନା ହୋଇଥିଲା। ବିଶେଷକରି ଜିରୋ ନାଇଟ୍ ସେଲିବ୍ରେସନ ବେଳେ ସହରର ବିଭିନ୍ନ ସ୍ଥାନରେ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିବାକୁ ଟ୍ରାଫିକ ପୋଲିସ ସହ ସମସ୍ତ ଥାନାଧିକାରୀଙ୍କୁ ସଜାଗ ରହିବାକୁ ଡିସିପି ଅଖିଳେଶ୍ୱର ସିଂ ନିର୍ଦ୍ଦେଶ ଦେଇଛନ୍ତି। ଡିସିପିଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସମସ୍ତ ଜୋନ୍ ଏସିପିଙ୍କ ସହିତ ଥାନା ଅଧିକାରୀମାନେ ଯୋଗଦେଇଥିଲେ।

### ଚୌଦ୍ୱାର ପୌରପାଳିକାକୁ ଶ୍ରେଷ୍ଠ ବାହ୍ୟ ଶୌଚମୁକ୍ତ ସହରାଞ୍ଚଳ ସମ୍ମାନ

**ଚୌଦ୍ୱାର, ୨୯।୧୨(ଡି.ଏନ୍.ଏ.):** ଚୌଦ୍ୱାର ପୌରପାଳିକାକୁ ରାଜ୍ୟର ଶ୍ରେଷ୍ଠ ବାହ୍ୟ ଶୌଚମୁକ୍ତ ପୌରାଞ୍ଚଳ ଭାବେ ସମ୍ମାନିତ କରାଯାଇଛି। ଭୁବନେଶ୍ୱରଠାରେ ଅନୁଷ୍ଠିତ ଏଲ୍ଇଡି ଲାଇଟ୍ ତ୍ରିପାକ୍ଷିକ ଚୁକ୍ତିନାମା ସ୍ୱାକ୍ଷରର ରାଜ୍ୟସ୍ତରୀୟ ସମାରୋହରେ ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟଅତିଥିଭାବେ ଯୋଗଦେଇ ଚୌଦ୍ୱାର ପୌରନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ତହସିଲଦାର ଅବିନାଶ ରାଉତଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ଚୌଦ୍ୱାର ସ୍ୱଚ୍ଛ ଭାରତ ମିଶନ ନୋଡାଲ ଅଫିସର ଝୁଲେନ୍ଦ୍ର ନାୟକ ଓ ପୌର କର୍ମଚାରୀ ସେକ୍ ରାଜୁଦ୍ଦିନ୍ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

■ ଏସ୍‌ସିବି, ଶିଶୁଭବନରେ ସ୍ୱାସ୍ଥ୍ୟସେବା ବାଧାପ୍ରାପ୍ତ

# ଚିକିତ୍ସା ପାଇଁ ଡାକ୍ତରର ଅଭାବ

**କଟକ ଅଫିସ, ୨୯।୧୨**

ଏସ୍‌ସିବି ମେଡିକାଲ, ଶିଶୁଭବନରେ ସ୍ୱାସ୍ଥ୍ୟସେବା ବାଧାପ୍ରାପ୍ତ ହେଉଛି। ଏଭଳି ଅଭିଯୋଗ ଆଣିଛି ସାମାଜିକ ଅନୁଷ୍ଠାନ ମୈତ୍ରୀ ସଂସଦ। ଶିଶୁଭବନରେ ହେମୋଡାୟାଲିସିସ୍ ମେଶିନ ଯାହାକି ଶିଶୁରୋଗୀଙ୍କ କିଡ୍‌ନୀ ରୋଗର ନିରୂପଣ ପାଇଁ ନିହାତି ଆବଶ୍ୟକ ହୋଇଥାଏ। ତାହା ଏ ପର୍ଯ୍ୟନ୍ତ ଉପଲବ୍ଧ କରାଯାଇ ନାହିଁ କି ଏହାକୁ ଉପଲବ୍ଧ କରାଇବା ପାଇଁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କୌଣସି ପ୍ରକାର

**ଅଲଟ୍ରାସାଉଣ୍ଡ ମେଶିନ ଅଚଳ**

ପଦକ୍ଷେପ ନେବା ଲକ୍ଷ୍ୟ କରାଯାଉନାହିଁ। ଉକ୍ତ ହସ୍ପିଟାଲରେ ଅଲଟ୍ରାସାଉଣ୍ଡ ମେଶିନ ଗତ ଜୁନ୍‌ମାସରୁ ଅଚଳ ହୋଇପଡ଼ିଛି। ଫଳରେ ଗୁରୁତର ରୋଗୀମାନଙ୍କର ରୋଗ ନିରୂପଣ କରିବା ସମ୍ଭବପର ହେଉନି। ଏଥିଯୋଗୁ ଘରୋଇ କ୍ଲିନିକଗୁଡିକରେ ବହୁ ଅର୍ଥ ବ୍ୟୟ କରି ରୋଗୀମାନେ ଅଲଟ୍ରାସାଉଣ୍ଡ କରୁଛନ୍ତି। ଏହାଛଡ଼ା ଶିଶୁଭବନରେ ଆବଶ୍ୟକ ଡାକ୍ତରଙ୍କର ଘୋର ଅଭାବ ରହିଛି। ସେହିପରି ଏସ୍‌ସିବିର କାଜୁଆଲ୍‌ଟିକୁ ବିଭିନ୍ନ ଅଞ୍ଚଳରୁ ବହୁ ଗୁରୁତର ରୋଗୀ ବିଶେଷକରି ଦୁର୍ଘଟଣାରେ ଆଘାତପ୍ରାପ୍ତ ରୋଗୀମାନେ ଜରୁରୀ ଚିକିତ୍ସା ପାଇଁ ଆସିଥାନ୍ତି। କିନ୍ତୁ ସେଠାରେ ଉକ୍ତ ରୋଗୀମାନଙ୍କର ଉପଯୁକ୍ତ ଚିକିତ୍ସା ପାଇଁ କୌଣସି ବ୍ୟବସ୍ଥା ହୋଇନାହିଁ। ମୈତ୍ରୀ ସଂସଦ ପକ୍ଷରୁ ଏସ୍‌ସିବିର ଉପରୋକ୍ତ ବିଭାଗରେ ଭିତ୍ତିଭୂମି ବିକାଶ ପାଇଁ ଏକ ଜନସ୍ୱାର୍ଥ ମାମଲା ହାଇକୋର୍ଟରେ ଦାଏର କରାଯାଇଥିଲା। ମାତ୍ର କୋର୍ଟ ଯେଉଁ ଆଦେଶ ଦେଇଥିଲେ ତାହା ପାଳନ ହୋଇ ନ ଥିବା ସଂସଦର ସଭାପତି ତଥା ଆଡଭୋକେଟ ଅଜୟ ମହାନ୍ତି କହିଛନ୍ତି।



ଆସିଷ୍ଟାଣ୍ଡ ସେକ୍ସନ ଅଫିସର୍ସ ପରୀକ୍ଷା ପାଇଁ ଧାର୍ଯ୍ୟ ହୋଇଥିବା ସମୟକୁ ଘୁଞ୍ଚାଇବା ନେଇ ଶନିବାର କଟକ କ୍ୟାଣ୍ଟନମେଣ୍ଟ ରୋଡ୍‌ସ୍ଥିତ ଲୋକସେବା ଆୟୋଗ ସଚିବଙ୍କୁ ଭେଟି ସ୍ମାରକପତ୍ର ଦେବାକୁ ଆସିଥିବା ପରୀକ୍ଷାର୍ଥୀ।

## ଏଆଇଡିଏସ୍‌ଓର ପ୍ରତିଷ୍ଠା ଦିବସରେ ଛାତ୍ର ସମାବେଶ

**କଟକ ଅଫିସ, ୨୯।୧୨**

ସ୍ୱାଧୀନତା ପରବର୍ତ୍ତୀ ସମୟରେ ଦେଶରେ ବହୁ ଛାତ୍ର ସଙ୍ଗଠନ ଥିଲା। ମାତ୍ର କୌଣସି ବି ସଙ୍ଗଠନ ଦେଶର ଶିକ୍ଷା ତଥା ଅନ୍ୟାନ୍ୟ ସମସ୍ୟାର ମୂଳ କାରଣକୁ ଧରି ପାରି ନ ଥିଲେ। ବରଂ ସେମାନେ ବିଭିନ୍ନ ଶସ୍ତା ସ୍ଲୋଗାନ ଦେଇ ଛାତ୍ର ଆନ୍ଦୋଳନକୁ ଭୁଲ୍ ରାସ୍ତାରେ ପରିଚାଳିତ କରୁଥିଲେ। କମ୍ରେଡ୍ ଶିବଦାସ ଘୋଷଙ୍କର ଏହି ବିଶ୍ଲେଷଣକୁ ହାତଗଣତି କେତେଜଣ ଛାତ୍ର ହୃଦୟଙ୍ଗମ କରି ଚିନ୍ତାକଲେ ଏପରି ଏକ ଛାତ୍ର ସଙ୍ଗଠନ ଗଢ଼ି ଉଠିବା ଉଚିତ ଯିଏ କି ଦେଶର ଅର୍ଥନୀତି, ରାଜନୀତି ଓ ଇତିହାସକୁ ଏ ଯୁଗର ସବୁଠାରୁ ଉନ୍ନତ ଓ ବିଜ୍ଞାନସମ୍ମତ ଦୃଷ୍ଟିଭଙ୍ଗୀରେ ବିଶ୍ଲେଷଣ କରିପାରିବ। ଶିକ୍ଷା ସମେତ ବିଭିନ୍ନ ସମସ୍ୟାର ମୂଳ କାରଣକୁ ଉନ୍ମୋଚନ କରି ଛାତ୍ର ଆନ୍ଦୋଳନ ଗଢିତୋଳି ପାରିବ ଯାହାକି ସମାଜ ଅଗ୍ରଗତିରେ ସହାୟକ ହେବ। ଅଲ୍‌ଇଣ୍ଡିଆ ଡେମୋକ୍ରାଟିକ୍ ଷ୍ଟୁଡେଣ୍ଟ ଅର୍ଗାନାଇଜେସନ୍ (ଏଆଇଡିଏସ୍‌ଓ)ର ୬୫ତମ ପ୍ରତିଷ୍ଠା ଦିବସ ଅବସରରେ ବହୁ ବକ୍ତା ଏହି କଥା କହିଛନ୍ତି। ଏହି ଅବସରରେ ସଙ୍ଗଠନର ଜିଲା କମିଟି ପକ୍ଷରୁ ଶନିବାର ସ୍ଥାନୀୟ ଗାନ୍ଧୀଭବନଠାରେ ଏକ ଜିଲାସ୍ତରୀୟ ଛାତ୍ର ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସଭାପତି ଭାଗ୍ୟରବି ଦାସ ସଭାପତିତ୍ୱ କରିଥିବାବେଳେ ସଙ୍ଗଠନର ଓଡିଶା ରାଜ୍ୟ ସମ୍ପାଦକ ସୁବାସ ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଉପସଭାପତି ତରୁଣସେନ ନାୟକ, ସମ୍ପାଦକ ବିନୋଦ ସେଠୀ ଓ କୋଷାଧକ୍ଷ ଈଶା ଧର ଶିକ୍ଷା ଆନ୍ଦୋଳନରେ ସଙ୍ଗଠନର ଭୂମିକା, ଏହାର ଅଭ୍ୟୁତ୍ଥାନ ଏବଂ ବର୍ତ୍ତମାନର ସାଂସ୍କୃତିକ ସଙ୍କଟ ସମ୍ପର୍କରେ ଆଲୋଚନା କରିଥିଲେ। ସ୍କୁଲ୍‌ଗୁଡିକରେ ପାସ୍-ଫେଲ୍ ଉଚ୍ଛେଦ, ଶିକ୍ଷକ-ଅଧ୍ୟାପକ ତଥା ଶିକ୍ଷା କର୍ମଚାରୀ ଅଭାବ, ଫି ବୃଦ୍ଧି, ଶିକ୍ଷା କ୍ଷେତ୍ରରୁ ବଜେଟ୍ ହ୍ରାସ, ଛାତ୍ରୀଛାତ୍ରଙ୍କ ଗଣତାନ୍ତ୍ରିକ ଅଧିକାର ହରଣ, ଶିକ୍ଷାର ସାମ୍ପ୍ରଦାୟୀକରଣ ଆଦି ସମସ୍ୟା ବିରୁଦ୍ଧରେ ଏଆଇଡିଏସ୍‌ଓ ଦେଶବ୍ୟାପୀ ଆନ୍ଦୋଳନ ଜାରି ରଖିଛି। ଏଣୁ ଏହି ସଙ୍ଗଠନକୁ ସମସ୍ତ ଶକ୍ତିଦେଇ ଶକ୍ତିଶାଳୀ କରିବା ପାଇଁ ଛାତ୍ର ସମାଜ ଆଗେଇ ଆସିବାକୁ ବକ୍ତାମାନେ ଆହ୍ୱାନ ଦେଇଥିଲେ।




ସମାବେଶରେ ଯୋଗଦେଇଥିବା ଛାତ୍ର ପ୍ରତିନିଧିମାନେ।

## ରାସ୍ତା ପାଇଁ ଅନଶନ

**ନିଆଳି, ୨୯।୧୨(ଡି.ଏନ୍.ଏ.)**

ଘରକୁ ଯିବା ପାଇଁ ରାସ୍ତା ଯୋଗାଇ ଦେବା ଦାବିରେ ନିଆଳି ତହସିଲ ଅନ୍ତର୍ଗତ ପାଟେଳି ବାଣପୁର ଗ୍ରାମର ସୁକଦେବ ଖଟୁଆ(୮୫) ପରିବାର ଲୋକଙ୍କ ସହିତ ଶୁକ୍ରବାରଠାରୁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି। ଅଭିଯୋଗ ଅନୁଯାୟୀ, ଘରକୁ ଏକ ରାସ୍ତା ଦେବା ପାଇଁ ଶୁକଦେବ ଜିଲା ଓ ତହସିଲ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ହେଲେ ଏଥିପ୍ରତି କେହି କର୍ଣ୍ଣପାତ ନ କରିବାରୁ ସେ କୋର୍ଟଙ୍କ ଆଶ୍ରୟ ନେଇଥିଲେ। କୋର୍ଟ ଗତ ମେ' ମାସରେ ତାଙ୍କ ଘରକୁ ଯିବାପାଇଁ ରାସ୍ତା ଅବରୋଧ ହଟାଇବା ସହ ଘରର କ୍ଷତି କରୁଥିବା ଗଛର ଅଂଶକୁ କାଟିବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗତ ୧୭ ତାରିଖରେ ତହସିଲଦାର ରଞ୍ଜନ ଜେନା ପୋଲିସ ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ରାସ୍ତା ଅବରୋଧ କରୁଥିବା ଗଛଡାଳ କାଟି ୬ କଡିର ଏକ ରାସ୍ତା ଦେଇଥିଲେ। ମାତ୍ର ୧୦ କଡି ରାସ୍ତା ଦେବା ଓ ଉକ୍ତ ରାସ୍ତାରେ ଥିବା ଗଛକୁ ମୂଳରୁ କାଟିବା ଦାବିରେ ଶୁକଦେବଙ୍କ ପରିବାର ଲୋକେ ଅନଶନ ଜାରି ରଖିଛନ୍ତି। ଏ ନେଇ ତହସିଲଦାର ଜେନା କୁହନ୍ତି, କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ମୁଁ କାର୍ଯ୍ୟକରି ଶୁକଦେବଙ୍କ ଘରକୁ ଯିବା ପାଇଁ ୬ କଡିର ରାସ୍ତା ଦେଇଛି। ଯଦି କୋର୍ଟ ନିର୍ଦ୍ଦେଶ ଦେବେ ତା' ହେଲେ ମୁଁ ଉକ୍ତ ଗଛକୁ ଉଚ୍ଛେଦ କରି ୧୦ କଡିର ରାସ୍ତା ଦେବି। ଘଟଣାସ୍ଥଳରେ ପୋଲିସ ଓ ଡାକ୍ତର ଉପସ୍ଥିତ ରହିଛନ୍ତି।

## ଆଜି ଉଜ୍ଜ୍ୱଳା ସାନିଟାରି ନାପ୍‌କିନ୍‌ର ଶୁଭାରମ୍ଭ

**କଟକ ଅଫିସ,୨୯।୧୨**

ରବିବାର ରାଜ୍ୟରେ ଉଜ୍ଜ୍ୱଳା ସାନିଟାରି ନାପ୍‌କିନ୍‌ର ଶୁଭାରମ୍ଭ କରାଯିବ। ତଦନୁଯାୟୀ, କଟକ ଜିଲାର ୫ଟି ସ୍ଥାନରେ ଏହା ଆରମ୍ଭ ହେବ। ଏହି ସ୍ଥାନଗୁଡିକ ହେଲା କଟକର ଖାନ୍‌ନଗର, ନିଆଳିର ପହଙ୍ଗା, ନିଶ୍ଚିନ୍ତକୋଇଲିର ନତକାଇ, ବାଙ୍କୀର କଳାପଥର ଓ ନରସିଂହପୁର। ଉଜ୍ଜ୍ୱଳା ଯୋଜନାର କଟକ ଜିଲା ନୋଡାଲ ଅଫିସର ଶୁଭଦୀପ ଦେବନାଥ ଓ ସହକାରୀ ନୋଡାଲ ଅଫିସର ନିଶିତ ସାହୁ ସ୍ଥାନୀୟ ଏକ ହୋଟେଲରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

# ମଉଗଜପୁରଠାରେ ହେବ ଦ୍ୱିତୀୟ ସ୍ୱେରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ

**କଟକ ଅଫିସ,୨୯।୧୨**

■ ସହରର ୧୧ ଲକ୍ଷ ଲୋକ ଉପକୃତ ହେବେ

■ ଆସନ୍ତା ବର୍ଷ ଏପ୍ରିଲ ଶେଷ ସୁଦ୍ଧା ନିର୍ମାଣ କାର୍ଯ୍ୟ ସରିବ

ଗୃହରୁ ନିର୍ଗତ ବର୍ଜ୍ୟଜଳ ବାହାରିବା ପରେ ବିଭିନ୍ନ ନାଳ ଦେଇ ମହାନଦୀ ଏବଂ କାଠଯୋଡି ନଦୀରେ ମିଶି ନଦୀ ଜଳକୁ ପ୍ରଦୂଷିତ କରିଥାଏ। ତେବେ ସହରବାସୀଙ୍କୁ ଏଭଳି ସମସ୍ୟାରୁ ମୁକ୍ତ କରିବା ପାଇଁ ସହରରେ ଅତ୍ୟାଧୁନିକ ସ୍ୱେରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ନିର୍ମାଣ କରାଯିବାକୁ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଯୋଜନା କରିଥିଲା। ଏହି ପ୍ରକଳ୍ପ ନିର୍ମାଣ ପାଇଁ ନଗର ଉନ୍ନୟନ ବିଭାଗ ପକ୍ଷରୁ ଜାପାନ ଇଣ୍ଟରନ୍ୟାଶନାଲ କୋ-ଅପରେଶନ ଏଜେନ୍ସି (ଜାଇକା)ଠାରୁ ଋଣ ଅଣାଯାଇଛି ବୋଲି ଜାଇକା ପ୍ରକଳ୍ପ ନିର୍ଦ୍ଦେଶକ ବସନ୍ତ କୁମାର ପରିଡ଼ା କହିଛନ୍ତି। ସିଡିଏ ସେକ୍ଟର-୧ ଠାରେ ନିର୍ମିତ ଏକ ସ୍ୱେରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟକୁ କିଛିଦିନ ତଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଏହିଭଳି ଆଉ ଏକ ଟ୍ରିଟମେଣ୍ଟ ପ୍ଲାଣ୍ଟ ମଉଗଜପୁର ଠାରେ ନିର୍ମାଣାଧୀନ ରହିଛି। ଯାହା କାର୍ଯ୍ୟକ୍ଷମ ହେଲେ ସହରରେ ସ୍ୱେରେଜ ଓ ଡ୍ରେନେଜ ବ୍ୟବସ୍ଥାର ସୁଧାର ଆସିବା ସହ ପ୍ରାୟ ୧୧ ଲକ୍ଷ ଜନସାଧାରଣଙ୍କ କଷ୍ଟ ଦୂର ହୋଇପାରିବ ବୋଲି ଆଶା କରାଯାଉଛି। ଏହି ପ୍ରକଳ୍ପ ଦ୍ୱାରା ଘରୁ ବାହାରୁଥିବା ଦୂଷିତ ଜଳ ଭୂତଳ ସ୍ୱେରେଜ ପାଇପ ମାଧ୍ୟମରେ ଟ୍ରିଟମେଣ୍ଟ ପ୍ଲାଣ୍ଟକୁ ଆସିବା ପରେ ବୈଷୟିକ ଜ୍ଞାନକୌଶଳ ଦ୍ୱାରା ପ୍ରଥମେ ଛଣାଯିବ। ପରେ ରାସାୟନିକ ସାମଗ୍ରୀ ମିଶାଯାଇ ବର୍ଜ୍ୟଜଳକୁ ଉଚ୍ଚ କ୍ଷମତା ସମ୍ପନ୍ନ ମୋଟର ମାଧ୍ୟମରେ ଟାଙ୍କିରେ ବିଶୋଧନ କରାଯାଇ ନଦୀକୁ ଛଡାଯିବ। ରାଜ୍ୟ ସରକାରଙ୍କ ପକ୍ଷରୁ ତାମିଲନାଡୁର ମେସର୍ସ ଭାଟେକ୍‌ୱାବାଗ୍ ଲିମିଟେଡ଼ ନାମକ ସଂସ୍ଥା ଏହି ବର୍ଜ୍ୟଜଳ ବିଶୋଧନାଗାର ଓ ପମ୍ପିଙ୍ଗ ଷ୍ଟେଶନର ନିର୍ମାଣ କରୁଛି। ମଉଗଜପୁର ଠାରେ ୫୦ କୋଟି ଟଙ୍କା ବ୍ୟୟରେ ନିର୍ମାଣାଧୀନ ଥିବା ଏହି ଟ୍ରିଟମେଣ୍ଟ ପ୍ଲାଣ୍ଟ କାର୍ଯ୍ୟକ୍ଷମ ହେଲେ ପୁରୀଘାଟ ଠାରୁ ଆରମ୍ଭ କରି ଖାନ୍‌ନଗର, ମଙ୍ଗଳାବାଗ, ନୂଆବଜାର ଆଦି ଅଞ୍ଚଳ ପର୍ଯ୍ୟନ୍ତ ଜନସାଧାରଣ ଏହାର ସୁବିଧା ପାଇପାରିବେ। ଏହା ଦୈନିକ ୧କୋଟି ୫୦ ଲକ୍ଷ ଲିଟର ବର୍ଜ୍ୟଜଳ ବିଶୋଧନ କରିପାରିବ। ୨୦୧୪ରୁ ନିର୍ମାଣ ଆରମ୍ଭ ହୋଇଥିବା ଏହି ବିଶୋଧନାଗାରର କାର୍ଯ୍ୟ ଆସନ୍ତା ବର୍ଷ ଏପ୍ରିଲ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ହେବ ବୋଲି ଜାଇକା ପ୍ରକଳ୍ପ ନିର୍ଦ୍ଦେଶକ ପରିଡ଼ା କହିଛନ୍ତି। ସହରରେ ଦୁଇଟି ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ କାର୍ଯ୍ୟକ୍ଷମ ହେଲେ ନଦୀଜଳ ପ୍ରଦୂଷଣକୁ ରୋକାଯିବା ସହ କଟକ ସହରରେ ସ୍ୱଚ୍ଛତା ଦିଗରେ ଏହା ଆଉ ଏକ ମାଇଲଖୁଣ୍ଟ କୁହାଯାଇପାରିବ ବୋଲି କଟକ ମହାନଗର ନିଗମ ମେୟର ମିନାକ୍ଷୀ ବେହେରା ସୂଚନା ଦେଇଛନ୍ତି।






ବିଭୂତି



ମହେଶ୍ୱର



ପ୍ରିୟରଞ୍ଜନ



ପିଙ୍କି



ପୂର୍ବାଦିତା



ରାକେଶ



ସ୍ୱାଗତିକା



ସନ୍ତୋଷ



ସିଦ୍ଧାର୍ଥ



ବିଜୟ



ଅନ୍ୟଠାରୁ ନିଜକୁ ଉଚ୍ଚ ବୋଲି ମଣିବା ହେଉଛି ଭଗବାନଙ୍କ ପ୍ରତି ଦ୍ରୋହ ଆଚରଣ।
-ମହାତ୍ମା ଗାନ୍ଧୀ

## ସଂକ୍ଷେପରେ

### ବିପଦରେ ସଂସ୍କୃତି, ସଂହତି, ସଦ୍‌ଭାବ

**ଖୋର୍ଦ୍ଧା ଅଫିସ,୨୯।୧୨:** ଖୋର୍ଦ୍ଧା ଟାଉନ ହଲ ସମ୍ମୁଖରେ ଶନିବାର ଅପରାହ୍ଣରେ ବିପଦରେ ସଂସ୍କୃତି, ସଂହତି, ସଦ୍‌ଭାବ ଓ ସଂସଦ ଉପରେ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଜନଚେତନା ମଞ୍ଚର ଖୋର୍ଦ୍ଧା ଶାଖା ପକ୍ଷରୁ ସିପିଆଇ(ଏମ୍) ନେତା ଅନନ୍ତ ମଙ୍ଗରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜମ୍ମୁ-କଶ୍ମୀର ରାଜ୍ୟର ପୂର୍ବତନ ବିଧାୟକ ୟୁସୁଫ୍ ମୁଖ୍ୟଅତିଥି ଓ ସିପିଆଇଏମର ବରିଷ୍ଠ ନେତା ଜନାର୍ଦ୍ଦନ ପତି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପୂର୍ବତନ ମନ୍ତ୍ରୀ କଂଗ୍ରେସ ନେତା ସୁରେଶ ଚନ୍ଦ୍ର ରାଉତରାୟ, ସେଖ୍ ଅବଦୁଲ୍ ୱାଲି, ରାମଚନ୍ଦ୍ର ମହାପାତ୍ର, ସୁରେଶ ପାଣିଗ୍ରାହୀ ଓ ଜଗନ୍ନାଥ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

### କ୍ରିକେଟ, ଅଟ୍ରି ସେମିରେ

ବେଗୁନିଆ,୨୯।୧୨(ଡି.ଏନ.ଏ.) ବେଗୁନିଆ ବ୍ଲକ ଅଧୀନ ଡଙ୍ଗରପଡା ଖେଳପଡିଆଠାରେ ଚାଲୁଥିବା ୨୨ତମ ଟି ୨୦ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶନିବାର ଖେଳରେ ଅଟ୍ରିର ପତିତପାବନ କ୍ରିକେଟ କ୍ଲବ ସେମିକୁ ଉନ୍ନୀତ ହୋଇଛି। ଟସ୍ ଜିଣି ଅଟ୍ରି ଦଳ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୬୫ ରନ ସଂଗ୍ରହ କରିଥିଲା। ଜବାବରେ ମେଣ୍ଢାଶାଳର ଇଗଲ ସ୍ପୋର୍ଟିଂ କ୍ଲବ ସମାନ ସମସ୍ତ ଉଇକେଟ ହରାଇ ୮୩ ରନ କରିବାରେ ସକ୍ଷମ ହୋଇଥିଲା। ବିଜୟୀ ଦଳ ପକ୍ଷରୁ ଗଣେଶ୍ୱର ସାହୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କୃତ କରାଯାଇଥିଲା।

### ଲୁଟ୍ ନୁହେଁ, ହଜିଛି ଲେଖି ଦିଅ

ଯାଁଳା,୨୯।୧୨(ଡି.ଏନ.ଏ.): ୧୬ ନଂ. ଜାତୀୟ ରାଜପଥରେ ପଥଚାରୀ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଲୁଟ୍‌ର ଶିକାର ବ୍ୟକ୍ତି ଅଭିଯୋଗ କରିବାକୁ ଗଲେ ଏତଲା ବଦଳାଇବାକୁ ପୋଲିସ କହୁଛି। ଲୁଟ୍ ନୁହେଁ, ଏତଲାରେ ମିସିଂ ହୋଇଛି ଲେଖିବାକୁ ଦାୟିତ୍ୱରେ ଥିବା ପୋଲିସ ଅଧିକାରୀ କହୁଛନ୍ତି। ଏପରି ଘଟିଛି ଯାଁଳା ଫାଣ୍ଡି ଅଧୀନ ରାଜପଥର ପୋଷ୍ଟ ଅଫିସ ଛକରେ। ଶୁକ୍ରବାର ଭୋର୍ ସମୟରେ ଲୁଟ୍‌ର ଶିକାର ହୋଇଛନ୍ତି ବିଶ୍ୱନାଥ ଦାସ। ଜଗତପୁରରୁ ଟାଟା ଏସ୍‌ସି ଗାଡ଼ିରେ ଅକ୍ସିଜେନ୍ ସିଲିଣ୍ଡର ନେଇ ଆସ୍କା ଅଭିମୁଖେ ଯାଉଥିବା ବେଳେ ଗାଡିଟି ଖରାପ ହେବାରୁ ବିଶ୍ୱନାଥ ଠିକ୍ କରିବାକୁ ଛିଡା ହୋଇଥିଲେ। ଏହି ସମୟରେ ବାଇକ୍‌ରେ ୩ ଜଣ ଦୁର୍ବୃତ୍ତ ଆସି ମାଡ ମାରି ତାଙ୍କଠାରୁ ଟଙ୍କା, ମୋବାଇଲ୍ ଓ ଏଟିଏମ୍ କାର୍ଡ ଛଡାଇ ନେଇଥିଲେ। ଏଟିଏମ୍ କାର୍ଡ ଜରିଆରେ ୨ ହଜାର ଟଙ୍କା ଦୁର୍ବୃତ୍ତମାନେ ଉଠାଇ ନେଇଥିବା ସେ ଶନିବାର କହିଛନ୍ତି। ଯାଁଳା ଫାଣ୍ଡିକୁ ଅଭିଯୋଗ କରିବାକୁ ଯାଇଥିଲେ। ତେବେ ଲୁଟ୍ ନୁହେଁ, ଏତଲାରେ ମିସିଂ ଲେଖିବାକୁ ଫାଣ୍ଡିର ଜଣେ ପୋଲିସ ତାଙ୍କୁ କହିଥିଲେ। ଅନ୍ୟ ଉପାୟ ନ ପାଇ ସେ ଏତଲାକୁ ପରିବର୍ତ୍ତନ କରି ମିସିଂ ଦର୍ଶାଇଥିଲେ। ଯାଁଳା ଫାଣ୍ଡି ଅଧିକାରୀ ସତ୍ୟବ୍ରତ ଗ୍ରହାଚାର୍ଯ୍ୟଙ୍କୁ କୁହନ୍ତି, ସେ ଏହାକୁ ଅସ୍ୱୀକାର କରିଛନ୍ତି। ବିଶ୍ୱନାଥ କେବଳ ସାମଗ୍ରୀ ହଜିଥିବା ଦର୍ଶାଇଛନ୍ତି।

### କ୍ରିକେଟ: ଫାଇନାଲ୍‌ରେ ମଲିପଡ଼ା

ନିରାକାରପୁର,୨୯।୧୨(ଡି.ଏନ.ଏ.)- ରମାବିଲି ଗ୍ରାମର ଧ୍ରୁବ ଚରଣ ଖେଳପଡ଼ିଆରେ ବାବା ନୀଳକଣ୍ଠେଶ୍ୱର କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ପରମେଶ୍ୱର ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଉଛି। ଶନିବାର ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ମଲିପଡ଼ା କ୍ରିକେଟ୍ କ୍ଲବ୍ ଗଉଡିଆପଡ଼ାକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଗଉଡିଆପଡ଼ା ପ୍ରଥମେ ବ୍ୟାଟିଂ କରି ୧୦୯ ରନ୍ କରିଥିଲା। ଜବାବରେ ମଲିପଡ଼ା କ୍ଲବ୍ ୧୧୦ ରନ୍ କରି ଫାଇନାଲରେ ପ୍ରବେଶ କରିଛି।

■ ଜାଲ୍ କବଲାରେ ଜମି ଠକେଇ ଅଭିଯୋଗ ଘଟଣା

# କୋର୍ଟରେ ହାଜର ହେବାକୁ ୧୫ ଜଣଙ୍କୁ ସମନ ଜାରି

**ଖୋର୍ଦ୍ଧା ଅଫିସ,୨୯।୧୨:**

ଜାଲ୍ କବଲାରେ ୩ ଏକର ୩୩୦ ଡିସିମିଲ ଇଜ୍‌ମାଇଲ୍ (କୋଠ ସମ୍ପତ୍ତି) ଜମି ବିକ୍ରି ଅଭିଯୋଗର ତଦନ୍ତ କରି ଭୁବନେଶ୍ୱର ଜୁଡିସିଆଲ ମାଜିଷ୍ଟ୍ରେଟ ପ୍ରଥମ ଶ୍ରେଣୀ(ଓ) ଜମିବିକ୍ରେତା, କ୍ଷମତାପ୍ରାପ୍ତ ଏଜେଣ୍ଟ ଓ କ୍ରେତା ପ୍ରମୁଖ ୧୫ ଜଣଙ୍କୁ ଜାନୁୟାରୀ ୨୨ରେ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ଭାରତୀୟ ପିଙ୍ଗଡ କୋଡ୍ ଆଇନ ଧାରା ୪୨୦ରେ ମୁଦାଲା ସାବ୍ୟସ୍ତ କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗ ଅନୁସାରେ, ଜଟଣୀ ତହସିଲ ଯାଁଳା ଆରଆଇ ଅଫିସ ଅନ୍ତର୍ଗତ ଗୋପାଳପୁର ମୌଜାରେ ଖାତା ନଂ. ୫୧ ରେ ୩ ଏକର ୩୩୦ ଡିସିମିଲ ଜମି ରହିଛି। ଏଥିରୁ ୨ ଏକର ୪୯୭.୧/୨ ଡେସିମଲ୍ ୨୦୧୪ ଏପ୍ରିଲ ୨୦୧୬ରେ ବିକ୍ରି ହୋଇଛି। ସେହିପରି ଯାଁଳା ମୌଜା ଖାତା ନଂ. ୯୮ର ୬୮୦ ଡିସିମିଲ୍‌ରୁ ୧୮୦ ଡିସିମିଲ୍ ୨୦୧୪ ଫେବୃୟାରୀ ୭ ରେ ଅନୁରୂପ ଭାବେ ବିକ୍ରି କରାଯାଇଛି। ଅନ୍ୟପକ୍ଷେ ଅଲକର ମୌଜାର ଖାତା ନଂ. ୧୧୩ର ୩୬୦ ଡିସିମିଲ୍‌ରୁ ୧୮୦ ଡିସିମିଲ୍ ୨୦୧୪ ଜାନୁୟାରୀ ୧୭ ଓ ଖାତା ନଂ. ୧୪୦ର ୭୨୫ ଡିସିମିଲ୍‌ରୁ ୩୬୨.୧/୨ ଡିସିମିଲ୍ ୨୦୧୩ ଫେବୃୟାରୀ ୫ ରେ ଅନୁରୂପ ଭାବେ ବିକ୍ରି କରାଯାଇଛି। ଏସବୁ ସମ୍ପତ୍ତି ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ଗୁରୁଜଙ୍ଗ ଗ୍ରାମର ସ୍ୱର୍ଗତ ବାଳମୁକୁନ୍ଦ ସାମନ୍ତରାୟ ଓ ରାମକୃଷ୍ଣ ସମାନ୍ତରାୟଙ୍କ ନାଁରେ ଅଦ୍ୟାବଧି ରେକର୍ଡ ରହିଛି। ବାଳ ମୁକୁନ୍ଦ ୧୯୬୯ ଓ ରାମକୃଷ୍ଣ ୨୦୦୨ ରେ ମୃତ୍ୟୁବରଣ କରିଛନ୍ତି। ଏପରିସ୍ଥଳେ ବାଳ ମୁକୁନ୍ଦଙ୍କ କିଛି ସମ୍ପର୍କୀୟ ଜାଲ କବଲା କରି ଉପରୋକ୍ତ ସମ୍ପତ୍ତି ବିକ୍ରୟ କରିଥିବା ଜଣାପଡିଛି। ଏ ସମ୍ପର୍କରେ ବାଳମୁକୁନ୍ଦଙ୍କ ଜ୍ୟେଷ୍ଠ ନାତୀ ରାଧାକୃଷ୍ଣ କୁହନ୍ତି, ଏ ଯାବତ୍ ସମ୍ପତ୍ତି ଭାଗବଣ୍ଟା ହୋଇନାହିଁ। ଉକ୍ତ ସମ୍ପତ୍ତି ଭାଗବଣ୍ଟା ପାଇଁ ଭୁବନେଶ୍ୱରସ୍ଥିତ ସିଭିଲ୍ କୋର୍ଟରେ ସିଭିଲ ସୁଟ୍ ୫୧୭/୨୦୦୪ ମକଦ୍ଦମା ରୁଜୁ ହୋଇଥିଲା। ଏହି ମକଦ୍ଦମା ବାଳମୁକୁନ୍ଦଙ୍କ କନିଷ୍ଠ ପୁତ୍ର ପ୍ରାଣକୃଷ୍ଣ ଦାଖଲ କରିଥିଲେ, ଯାହାକି ୨୦୧୪ ଏପ୍ରିଲ ୨୯ରେ ଡିସ୍‌ମିସ୍ ହୋଇଛି। ଅନିୟମିତତା ଜମି ବିକ୍ରିର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଭୁବନେଶ୍ୱର ଜୁଡିସିଆଲ ମାଜିଷ୍ଟ୍ରେଟ ପ୍ରଥମ ଶ୍ରେଣୀ(ଓ)ଙ୍କ ଅଦାଲତରେ ମୁଁ ଏକ ୱାନ ସିସି ୨୮୮୯/୨୦୧୮ରେ ଫୌଜଦାରି ମାମଲା ଦାଖଲ କରିଥିଲି। ଯାହାର ତଦନ୍ତ କରାଯାଇ ଜମି ବିକ୍ରେତା, କ୍ଷମତାପ୍ରାପ୍ତ ଏଜେଣ୍ଟ ଓ କ୍ରେତା ପ୍ରମୁଖ ୧୫ଜଣଙ୍କୁ ମୁଦାଲା ସାବ୍ୟସ୍ତ କରାଯାଇ ଠକେଇ ଅଭିଯୋଗରେ ଅଦାଲତ ସମନ ଜାରି ହୋଇଛି।

# ଫୁଟ୍‌ବଲ : ଶରଧାପୁର 'ବି' ଚାମ୍ପିୟନ

**ଖୋର୍ଦ୍ଧା ଅଫିସ,୨୯।୧୨:**

ଖୋର୍ଦ୍ଧା ବ୍ଲକର ଶରଧାପୁର ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ଏକଦିବସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ କୁମ୍ଭିଲୋ, ପାନବରଜ, ତରତୁଆ, ଶରଧାପୁର'ଏ' ଓ 'ବି' ବେଣାପଞ୍ଜୁରୀ, କୁଜିମହଲ, ନୂଆପଡା ପ୍ରଭୃତି ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଶରଧାପୁର 'ବି' ଓ ବେଣାପଞ୍ଜୁରୀ ଦଳ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଶରଧାପୁର 'ବି' ଟାଇବ୍ରେକର ଗୋଲରେ ଚାମ୍ପିୟନ ହୋଇଛି। ପ୍ରଫୁଲ୍ଲ ବେହେରା, ଅବଦୁଲ ଅହମ୍ମଦ, ମୁସ୍ତାକୁର ରହେମନ ଖେଳ ପରିଚାଳନା କରିଥିଲେ।



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ପିଲାମାନେ।

■ ଚତୁର୍ଥ ଦିବସରେ ସ୍କାଉଟ ଗାଇଡ୍ ମହାସମାବେଶ

# ସ୍ଥାନ ପାଇଲା ସାଂସ୍କୃତିକ, ପର୍ବପର୍ବାଣି ନିଖୁଣ ଚିତ୍ର


ସ୍କାଉଟ, ଗାଇଡ୍ ପିଲାଙ୍କ ଦ୍ୱାରା ପାରମ୍ପରିକ ନୃତ୍ୟ ପରିବେଷଣ।

**ଖୋର୍ଦ୍ଧା ଅଫିସ,୨୯।୧୨**

ବରୁଣେଇ ପାହାଡ ପାଦ ଦେଶର ରାଜ୍ୟ ତାଲିମ କେନ୍ଦ୍ର ପରିସରରେ ଚାଲିଥିବା ୨ୟ ଜନଜାତି ଏବଂ ସପ୍ତଦଶ ସ୍କାଉଟ ଗାଇଡ୍ ମହାସମାବେଶର ୪ର୍ଥ ଦିବସ ଅପରାହ୍ଣରେ ସ୍କାଉଟ ଗାଇଡ୍‌ମାନେ ନିଜ ଅଞ୍ଚଳର ପ୍ରସିଦ୍ଧ ସାଂସ୍କୃତିକ ଓ ପର୍ବପର୍ବାଣିର ନିଖୁଣ ଚିତ୍ର ପ୍ରଦର୍ଶନ କରିଥିଲେ। ଏଥିରେ ଗଞ୍ଜାମ ଜିଲାର ଠାକୁରାଣୀ ଯାତ୍ରା, ପୁରୀର ରଥଯାତ୍ରା ଓ କେନ୍ଦ୍ରପଡାର ବଳଦେବଜୀଉଙ୍କର ରଥଯାତ୍ରା ଦେଖିବାକୁ ମିଳିଥିଲା। ସେହିପରି କଟକର ବାଲିଯାତ୍ରା ଓ ଦୁର୍ଗାପୂଜା, ନୟାଗଡର ଦଣ୍ଡ, ଖୋର୍ଦ୍ଧାର ପାଇକ ପରି ରାଜ୍ୟର ୨୬ଟି ଜିଲା ଓ ୮ଟି ଜନଜାତି ମଣ୍ଡଳର ସ୍କାଉଟ ଗାଇଡ୍‌ମାନେ ନିଜ ଅଞ୍ଚଳର ପ୍ରସିଦ୍ଧ ସାଂସ୍କୃତିକ ଓ ପର୍ବପର୍ବାଣିକୁ ଉପସ୍ଥାପନ କରିଥିଲେ। ଅତିଥି ଭାବେ ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ରାଜ୍ୟ ଉପନିର୍ଦ୍ଦେଶକ ଶୈଳେନ୍ଦ୍ର କୁମାର ଜେନା, ରାଜ୍ୟ ସମ୍ପାଦକ ରାମମୂର୍ତ୍ତି ଦୋରା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ଦାଶରଥୀ ମିଶ୍ର, ଖୋର୍ଦ୍ଧା ଜିଲା ଶିକ୍ଷା ଅଧିକାରୀ ବୃନ୍ଦାବନ ଶତପଥୀ, ପୁରୀ ଜିଲା ଶିକ୍ଷା ଅଧିକାରୀ ହୃଷିକେଶ କାଣ୍ଡି, ଡିଏଫଓ ସୁଦୀପ ନାୟକ, ଯୁଗ୍ମ ସଚିବ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶୁଭଶ୍ରୀ ନନ୍ଦ ଯୋଗଦେଇଥିଲେ। ସକାଳେ ବ୍ୟାୟାମ ଏବଂ ପତାକା ଉତ୍ସବ, କୁଇଜ୍ ପ୍ରତିଯୋଗିତା ହୋଇଥିଲା। ପରେ ଆଡ୍‌ଭୋକେସି ପ୍ରୋଜେକ୍ଟ ମାଧ୍ୟମରେ କିପରି ଅନ୍ତର୍ନିହିତ ଗୁଣର ପରିପ୍ରକାଶ କରାଯାଇପାରିବ, ସର୍ଫ ସ୍ମାର୍ଟ ମାଧ୍ୟମରେ କମ୍ପ୍ୟୁଟରକୁ ଭାଇରସ କବଳରୁ ରକ୍ଷା କରାଯାଇ ପାରିବ ସେନେଇ ତାଲିମ ଦିଆଯାଇଥିଲା। ଭୁବନେଶ୍ୱର ୧୨୦ ପ୍ରାଦେଶିକ ବାଟାଲିୟନ ଏବଂ ଭାରତ ତିବ୍ବତ ସୀମା ସୁରକ୍ଷା ବଳ ଦ୍ୱାରା ପ୍ରଦର୍ଶିତ ଅତ୍ୟାଧୁନିକ ଯୁଦ୍ଧ ସରଞ୍ଜାମ ଏବଂ ସେଗୁଡିକର ପ୍ରୟୋଗ ବିଧି ସମ୍ବନ୍ଧରେ ସ୍କାଉଟ ଗାଇଡ୍‌ମାନେ ପ୍ରଶିକ୍ଷଣ ନେଇଥିଲେ। ୧୨୦ ପ୍ରାଦେଶିକ ବାଟାଲିୟନର କର୍ଣ୍ଣେଲ ଦେବଦତ୍ତ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିବିରାର୍ଥୀମାନଙ୍କୁ ଭବିଷ୍ୟତରେ ଜଣେ ଜଣେ କର୍ତ୍ତବ୍ୟ ନିଷ୍ଠ ନାଗରିକ ଭାବେ ନିଜକୁ ଗଢି ତୋଳିବା ସହ ଦେଶ ରକ୍ଷାରେ ନିୟୋଜିତ ହେବାକୁ ପରାମର୍ଶ ଦେଇଥିଲେ।

# ଖୋର୍ଦ୍ଧା ଜିଲାରେ ଖୋଲିବ ୯ ଉଜ୍ଜ୍ୱଳା ସାନିଟାରୀ ନାପକିନ୍

**ଖୋର୍ଦ୍ଧା ଅଫିସ,୨୯।୧୨**

ଖୋର୍ଦ୍ଧା ଜିଲାର ଭୁବନେଶ୍ୱର ଜିଜିପି କଲୋନୀ, ଭରତପୁର, ରଘୁନାଥପୁର, ଜୟଦେବ ବିହାର, ସତ୍ୟସାଇ ବିର୍ସାମୁଣ୍ଡା କଲୋନୀ, ଆଇଆରସି ଭିଲେଜ, ନଂପୁଟ, ଡୁମୁଡୁମା, ବାଲୁଗାଁ ସମେତ ୯ଟି ସ୍ଥାନରେ ଉଜ୍ଜଳା ସାନିଟାରୀ ନାପ୍‌କିନ ଖୋଲିବ। ରାଜ୍ୟର ୧୦୦ ନାପକିନ୍‌କୁ ରବିବାର ରେଲୱେ ଅଡିଟୋରିୟମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରିବେ। ଶନିବାର ଖୋର୍ଦ୍ଧାର ଅଞ୍ଜୁଶ୍ରୀ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜିଲା ନୋଡାଲ ଅଫିସର ସିଦ୍ଧିକାନ୍ତ ଝା, ଜିଲା ମ୍ୟାନେଜର ସୁଶାନ୍ତ ସ୍ୱାଇଁ ଓ ବାଜପୁରସ୍ଥିତ ଏଚ୍‌ପିସିଏଲର ସୋମନାଥ ଷ୍ଟିବ୍ୟୁଟରର ପ୍ରକାଶ କୁମାର ସାମନ୍ତରାୟ ସୂଚନା ଦେଇଛନ୍ତି। ପ୍ରକାଶଥାଉକି ଓଡ଼ିଶାରେ ସାନିଟାରୀ ନାପକିନ୍‌ର ମୋଟ ବ୍ୟବହାର ୩୩.୫ ପ୍ରତିଶତ ଅଟେ। ମାତ୍ର ୪୨ ପ୍ରତିଶତ ଗ୍ରାମୀଣ ମହିଳା ମାସିକ ରକ୍ତ ଶ୍ରାବ ସମୟରେ ଉପଯୁକ୍ତ ସ୍ୱାସ୍ଥ୍ୟ ରକ୍ଷା କୌଶଳ ଅବଲମ୍ବନ କରିଥାନ୍ତି। ଏହି ସ୍ଥିତିକୁ ସୁଧାରିବାକୁ ହିନ୍ଦୁସ୍ଥାନ ପେଟ୍ରୋଲିୟମ ପକ୍ଷରୁ ରାଜ୍ୟର ୩୦ ଜିଲା ଅନ୍ତର୍ଗତ ୯୩ ବ୍ଲକ୍‌ରେ ଥିବା ଜନସେବା କେନ୍ଦ୍ରଗୁଡ଼ିକରେ ୨.୯୪ କୋଟି ଟଙ୍କା ମୂଲ୍ୟରେ ୧୦୦ଟି ଆଞ୍ଚଳିକ ପ୍ରସ୍ତୁତି କେନ୍ଦ୍ର ସ୍ଥାପନ କରିବ। ଏଥିରେ ଦୈନିକ ୧୨ ଶହରୁ ୨ ହଜାର ନାପକିନ୍ ଉତ୍ପାଦନ ହେବ। ପରେ ମାସିକ ୪୫ ହଜାରରୁ ୫୦ ହଜାର ନାପକିନ୍ ଉତ୍ପାଦନ ପାଇଁ ପ୍ରତ୍ୟେକ ସଂସ୍ଥାରେ ପର୍ଯ୍ୟାପ୍ତ କଞ୍ଚାମାଲ ଉପଲବ୍ଧ କରାଯିବ। ୮ଟି ନାପକିନ ଥାଇ ପ୍ରତି ପ୍ୟାକେଟ୍‌ର ମୂଲ୍ୟ ୪୨ ଟଙ୍କା ଧାର୍ଯ୍ୟ କରାଯାଇଛି। ଏହି ଉଦ୍ଦେଶ୍ୟ ସାଧନ ପାଇଁ ଉଜ୍ଜ୍ୱଳା ନାପକିନ୍ ଉତ୍ପାଦନ ସଂସ୍ଥାଗୁଡିକରେ ରାଜ୍ୟରେ ୬୦୦ ମହିଳା ନିଯୁକ୍ତି ପାଇବେ। ଏଥିରେ ଖୋର୍ଦ୍ଧା ଜିଲାରେ ୫୪ ମହିଳା ନିଯୁକ୍ତି ପାଇବେ।

# ଆକର୍ଷଣ ସାଜିଲା ରାଜସ୍ଥାନ ଲୋକନୃତ୍ୟ

**ଖୋର୍ଦ୍ଧା ଅଫିସ/ବୋଲଗଡ, ୨୯।୧୨(ଡି.ଏନ.ଏ.)**

ବୋଲଗଡ ମହୋତ୍ସବର ଚତୁର୍ଥ ସନ୍ଧ୍ୟା ଶନିବାର ଥିଲା। ମହୋତ୍ସବ କମିଟି ପକ୍ଷରୁ ବୋଲଗଡ ବାମନ ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ଆୟୋଜିତ ମୁକ୍ତାକାଶ ମଞ୍ଚରେ ଆକର୍ଷଣ ସାଜିଥିଲା ରାଜସ୍ଥାନ ଲୋକନୃତ୍ୟ। ଯାହାକି ମଞ୍ଚ ନିକଟରେ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ବୋଲଗଡ ପ୍ରିନସେସ ଡ୍ୟାନ୍ସ ଗ୍ରୁପର ଡ୍ୟାନ୍ସ ପ୍ରଦର୍ଶନ, ସମ୍ବଲପୁର ମୀନାକ୍ଷୀ ଆଣ୍ଡ ଗ୍ରୁପର ସମ୍ବଲପୁରୀ ନୃତ୍ୟ ଦର୍ଶକଙ୍କୁ ବିଭୋର କରିଥିଲା। ଭୁବନେଶ୍ୱର ସାଇକଳା ସଂସଦ ପକ୍ଷରୁ ଓଡିଶୀ ଓ ଲୋକନୃତ୍ୟ ପରିବେଷଣ କରାଯାଇଥିଲା। କଳିଙ୍ଗ କଲଚରାଲ ଆସୋସିଏଶନ ଦ୍ୱାରା ଗୋଟିପୁଅ, ସିନେକଳାକାର ଦେବସ୍ମିତା ଓ ଜୟୀ ଡାଏଲଗ୍ ମାରିବା ସହ ସେମାନଙ୍କ ଅଭିନୟ ଦେଖାଇଥିଲେ। ମର୍ଦ୍ଦାବାଡି ଭାଗବତ ମଣ୍ଡଳୀ ଖଞ୍ଜଣି ଭଜନ, ବୋଲଗଡ ବଂଶୀଧର ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ଓଡିଶୀ ନୃତ୍ୟ, ବୋଲଗଡର ରବୀନ୍ଦ୍ର କୁମାର ଜେନା ଓ ସାଥୀଙ୍କ ପାଲା, ପରେ ରାମଚଣ୍ଡୀ ପାଇକ ସଂଘ ପକ୍ଷରୁ ପାଇକ ଆଖଡା ପ୍ରଦର୍ଶନ ବୋଲଗଡର ବୀରତ୍ୱ ଭରା କାହାଣୀକୁ ମନେ ପକାଇଥିଲା। ମହୋତ୍ସବ କମିଟି ଅଧ୍ୟକ୍ଷ ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଅଶୋକ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏମ୍‌ପି ପ୍ରସନ୍ନ କୁମାର ପାଟଶାଣୀ, ରାଜ୍ୟ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ଚନ୍ଦ୍ର ସାରଥି ବେହେରା ଯୋଗଦେଇଥିଲେ। ଏହି ଅବସରରେ ସଂସ୍କୃତି ପାଇଁ ସହଦେବ ପରିଡା, ଦିଲୀପ ରାଉତରାୟ, ସ୍ୱାସ୍ଥ୍ୟସେବା ପାଇଁ ଡା. ଅମୃତ ପାଇଯୋଶୀ ଓ ପରିବେଶ ପାଇଁ ସେଖ ଆକବର ଅଲ୍ଲୀ, ଖବରଦାତା ଭାବେ ପ୍ରଫୁଲ୍ଲ କୁମାର ସିଂହ ଏବଂ ସମବାୟ ପାଇଁ ଡିହଖଉରୁଣୀ ସେବା ସମବାୟ ସମିତିକୁ ବୋଲଗଡ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି।

## ବୋଲଗଡ଼ ମହୋତ୍ସବର ଚତୁର୍ଥ ସନ୍ଧ୍ୟା


କଳାକାରମାନେ ରାଜସ୍ଥାନ ନୃତ୍ୟ ପରିବେଷଣ କରୁଛନ୍ତି।







ବିଭୂତି


ମହେଶ୍ୱର


ପ୍ରିୟରଞ୍ଜନ


ପିଙ୍କି


ପୂଜ୍ୟଦିତା


ରାକେଶ


ସ୍ୱାଗତିକା


ସନ୍ତୋଷ


ସିଦ୍ଧାର୍ଥ


ବିଜୟ



ଅନ୍ୟଠାରୁ ନିଜକୁ ଉଚ୍ଚ ବୋଲି ମଣିବା ହେଉଛି ଭଗବାନଙ୍କ ପ୍ରତି ଦ୍ରୋହ ଆଚରଣ।
-ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ଡାକ୍ତର ସ୍ତ୍ରୀ ହତ୍ୟା ମାମଲା
## ଆବଶ୍ୟକ ପଡ଼ିଲେ ହେବ ପଲିଗ୍ରାଫ ଟେଷ୍ଟ

**ପୁରୀ ଅଫିସ,୨୯।୧୨:** ରେଲ୍‌ୱେ ଡାକ୍ତର ସଞ୍ଜୀବ କୁମାର ସାହୁଙ୍କ ସ୍ତ୍ରୀ ସୁଜାତା ହତ୍ୟା ମାମଲାର ସମସ୍ତ ଦିଗ ପ୍ରତି ତଦନ୍ତ ଜାରି ରହିଛି। ସଞ୍ଜୀବ, ରେଲ୍‌ୱେ ହସ୍ପିଟାଲରେ କାର୍ଯ୍ୟରତ ନର୍ସ ଏବଂ ତାଙ୍କ ସ୍ୱାମୀଙ୍କୁ ପଚରାଉଚରା କରାଯାଇଛି। ବର୍ତ୍ତମାନ ସୁଦ୍ଧା କୌଣସି ଠୋସ୍ ପ୍ରମାଣ ହସ୍ତଗତ ହୋଇନାହିଁ। ଆବଶ୍ୟକ ପଡିଲେ ସମସ୍ତଙ୍କ ପଲିଗ୍ରାଫ ଟେଷ୍ଟ କରାଯିବ ବୋଲି ଏସ୍‌ପି ସାର୍ଥକ ଷଡ଼ଙ୍ଗୀ ଶନିବାର ଗଣମାଧ୍ୟମକୁ କହିଛନ୍ତି। ପାରା ହତ୍ୟାକାଣ୍ଡ ସମ୍ପର୍କରେ ସେ କହିଲେ ଯେ, ଘଟଣାର ତଦନ୍ତ ଜାରି ରହିଛି। ଦୁଇଟି ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛନ୍ତି। ହତ୍ୟାକାଣ୍ଡରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତ ଫେରାର ଅଛନ୍ତି। ଗୁଳିକାଣ୍ଡ ଘଟଣାରେ ଜଣେ ପୂର୍ବତନ କାଉନ୍‌ସିଲରଙ୍କ ନାମରେ ଅଭିଯୋଗ ହୋଇଥିବା ପ୍ରଶ୍ନରେ ଏସ୍‌ପି କହିଲେ, ମୃତକଙ୍କ ପରିବାର ପୂର୍ବରୁ ୯ ଜଣଙ୍କ ନାଁରେ ଅଭିଯୋଗ କରିଥିଲେ। ପରେ ପୁଣି ୧୦ ଜଣଙ୍କ ନାମରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଉପରେ ତର୍ଜମା ଚାଲିଛି। ଖୁବ୍‌ଶୀଘ୍ର ଘଟଣାର ପର୍ଦ୍ଦାଫାଶ କରାଯିବ।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା: ୩ ଗୁରୁତର

**ଗୋପ, ୨୯।୧୨(ଡି.ଏନ୍.ଏ.):** କୋଣାର୍କ-ବାଲିଦୋକାନ ରାସ୍ତାର ରାଉଳପାଟଣା ଛକ ନିକଟରେ ଶନିବାର ସକାଳେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ୩ଜଣ ଗୁରୁତର ହୋଇଥିଲେ। ଆହତମାନଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ପ୍ରକାଶ ଯେ, ବଣଭୋଜି ସାରି ଜଗତସିଂହପୁର ଥାନା ଅଞ୍ଚଳ ଆଳିପିଙ୍ଗଳ ଗ୍ରାମର ସାଗର ସେଠୀ (୩୦), ବସିର୍ ଖାନ୍ (୩୩) ବାଇକ୍ ଯୋଗେ ଘରକୁ ଫେରୁଥିବାବେଳେ ଅପରପାର୍ଶ୍ୱରୁ କାକଟପୁର ଥାନା ବାଜପୁର ଗ୍ରାମର ସୁଶାନ୍ତ ଡାଲୁଅ (୩୦)ଙ୍କ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ୍ ଦୁଇଟିକୁ ଜବତ କରି ତଦନ୍ତ ଆରମ୍ଭ କରିଛି।

## ଅଗ୍ନିକାଣ୍ଡରେ ଦୋକାନ ଧ୍ୱଂସ

**କାକଟପୁର, ୨୯।୧୨(ଡି.ଏନ୍.ଏ.):** କାକଟପୁର ମେଡିକାଲ ଛକସ୍ଥିତ ସେଖ୍ ଅଖ୍‌ତାରଙ୍କ ଦୋକାନରେ ନିଆଁ ଲାଗି ପ୍ରାୟ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ଶନିବାର ସକାଳେ ତାଙ୍କ ଦୋକାନ ସାମ୍ନାରେ ଥିବା ଡଷ୍ଟବିନ୍ କୁଣ୍ଡରେ ପଡ଼ିଥିବା ଅଳିଆ ଆବର୍ଜନାକୁ ପୋଡ଼ିବା ପାଇଁ ନିଆଁ ଲଗାଇଥିଲେ। ହଠାତ୍ ସେଠାରୁ ନିଆଁ ବ୍ୟାପୀ ପାଖରେ ଥିବା କବାଡିଆ ସାମଗ୍ରୀରେ ଲାଗି ଯାଇଥିଲା। ଖବର ପାଇ ଅସ୍ତରଙ୍ଗ ଅଗ୍ନିଶମ ସେବା ଗାଡ଼ି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

### ରାଜ୍ୟସ୍ତରୀୟ ସାରସ୍ୱତ ସମ୍ମିଳନୀ
## ଓଡ଼ିଆ ସାହିତ୍ୟକୁ ଫକୀର ମୋହନଙ୍କ ଅବଦାନ ଅତୁଳନୀୟ

**ପୁରୀ ଅଫିସ,୨୯।୧୨:** ଶ୍ରୀକ୍ଷେତ୍ର ସାହିତ୍ୟ ସଂସଦ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ସହଯୋଗରେ ବ୍ୟାସକବି ଫକୀର ମୋହନଙ୍କ ୧୭୫ତମ ଜୟନ୍ତୀ ଓ ସଂସଦର ୧୧ତମ ରାଜ୍ୟସ୍ତରୀୟ ସାରସ୍ୱତ ସମ୍ମିଳନୀ ଜିଲା ସଂସ୍କୃତି ଭବନ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ଏକାଡେମୀ ସଭାପତି ଡ. ହରିହର ମିଶ୍ର ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ନଗରପାଳ ଜୟନ୍ତ କୁମାର ଷଡ଼ଙ୍ଗୀ ମୁଖ୍ୟଅତିଥି, ପ୍ରଫେସର ଦେବାଶିଷ ପାତ୍ର ମୁଖ୍ୟବକ୍ତା, ଭାଷାବିତ୍ ଡ. କୈଳାସ ଚନ୍ଦ୍ର ଟିକାୟତରାୟ, ଐତିହ୍ୟ ଗବେଷକ ଡ. ସୁରେନ୍ଦ୍ର ମିଶ୍ର, ସାହିତ୍ୟିକ ବୀରେନ୍ଦ୍ର ମହାନ୍ତି, କାଶୀନାଥ ଖୁଣ୍ଟିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସଂସଦର ସଭାପତି ହରେକୃଷ୍ଣ ପ୍ରଧାନୀ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଐତିହ୍ୟ ଗବେଷକ ଡ. ମିଶ୍ର କହିଲେ, ସାହିତ୍ୟ ଜୀବନକୁ ସରସ, ସୁନ୍ଦର ଓ ମଧୁର କରିଥାଏ। ମନନଶୀଳତା ଓ ଭାବାତ୍ମକଶୈଳୀ ସାହିତ୍ୟରେ ଚୁମ୍ବକ ଭଳି କାର୍ଯ୍ୟ କରେ। ଓଡ଼ିଆ ସାହିତ୍ୟକୁ ଫକୀର ମୋହନଙ୍କ ଅବଦାନ ଅତୁଳନୀୟ। ସାହିତ୍ୟିକ ସତ୍ୟନାରାୟଣ ମିଶ୍ର, ଡ. ସୁଚିତ୍ରା ରଥ, ତୃପ୍ତି ପଣ୍ଡା, ରଶ୍ମିମୟୀ ପତି ଓ ନାରାୟଣ ସିହ୍ନାଙ୍କୁ ସମ୍ମାନିତ କରାଯାଇଥିଲା। କବି ପଦ୍ମଚରଣ ଖୁଣ୍ଟିଆଙ୍କ ସଭାପତିତ୍ୱରେ ଏକ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା।

### ■ ନୂଆବର୍ଷ ପାଇଁ ପ୍ରସ୍ତୁତ ପୁରୀ ପୋଲିସ
# ଜଗିବେ ୫୦ ପ୍ଲାଟୁନ ଫୋର୍ସ

**ପୁରୀ ଅଫିସ,୨୯।୧୨:**

- ବେଳାଭୂମିରେ ୨ ଟୁରିଷ୍ଟ ଏଡ୍‌ପୋଷ୍ଟ
- ଶ୍ରୀମନ୍ଦିର ଭିତରେ ଓ ବାହାରେ ଜଗିବେ ୩୦ ପ୍ଲାଟୁନ

ନୂଆବର୍ଷ ପାଇଁ ପୁରୀରେ ଜମିଲାଣି ଗହଳି। ପର୍ଯ୍ୟଟକଙ୍କ ଭିଡ଼କୁ ଦେଖି ପୁରୀ ପୋଲିସ ନିଜକୁ ପ୍ରସ୍ତୁତ କରିଦେଇଛି। ଚଳିତବର୍ଷ ୫୦ ପ୍ଲାଟୁନ ଫୋର୍ସ ଶ୍ରୀମନ୍ଦିର, ବେଳାଭୂମି ଏବଂ ସହରର ବିଭିନ୍ନ ସ୍ଥାନରେ ମୁତୟନ ହେବେ ବୋଲି ଏସ୍‌ପି ଡା. ସାର୍ଥକ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।

ନୂଆବର୍ଷ ପ୍ରସ୍ତୁତି ସମ୍ପର୍କରେ ଏସ୍‌ପି କହିଛନ୍ତି, ଚଳିତବର୍ଷ ୩୦ ତାରିଖ ରବିବାର ପଡୁଥିବାରୁ ଭିଡ଼ ଆରମ୍ଭ ହୋଇଗଲାଣି। ରବିବାର ସକାଳ ୬ଟାରୁ ବେଳାଭୂମି, ଶ୍ରୀମନ୍ଦିର ଏବଂ ଟ୍ରାଫିକ ନିୟନ୍ତ୍ରଣ ପାଇଁ ୫୦ ପ୍ଲାଟୁନ ଫୋର୍ସ ମୁତୟନ ହେବେ। ବିଶେଷକରି ଯାନବାହନ ପାର୍କିଂ ଉପରେ ଏଥର ବିଶେଷ ଗୁରୁତ୍ୱ ଦିଆଯାଇଛି। ଜଗନ୍ନାଥବଲ୍ଲଭ ପାର୍କିଂ, ଶରଧାବାଲି ଏବଂ ଜିଲା ସ୍କୁଲ ଏବଂ ଏସ୍‌ସିଏସ୍ କଲେଜ ପାର୍କିଂ ପୂର୍ଣ୍ଣ ହୋଇଯିବା ପରେ ଚାରିଚକିଆ ଗାଡ଼ିଗୁଡ଼ିକୁ ମାଳତିପାଟପୁରଠାରୁ ନିଆଯାଇ ତାଳବଣିଆରେ ପାର୍କିଂ କରାଯିବ। ଏହାବ୍ୟତୀତ ଚଳିତବର୍ଷ ନୀଳାଚଳ ଅଶୋକ ଏବଂ ଯାତ୍ରୀକା ସମୁଦ୍ର କୂଳ ଅଞ୍ଚଳରେ ୨ଟି ନୂଆ ପାର୍କିଂ ସ୍ଥଳ କରାଯାଇଛି। ବେଳାଭୂମି ଯେଉଁମାନେ ଆସିବେ ପ୍ରଥମେ ନୀଳାଚଳ ଅଶୋକ ପାର୍କିଂରେ ଗାଡି ରଖିବେ। ସେଠାରେ ପୂର୍ଣ୍ଣ ହୋଇଗଲା ପରେ ପର୍ଯ୍ୟାୟକ୍ରମେ ଦିଗବାରିଣୀ ଏବଂ ଯାତ୍ରୀକା ପାର୍କିଂରେ ଗାଡି ରଖିବେ। ଏହାବ୍ୟତୀତ ନିରାପଦ ସ୍ନାନ ଏବଂ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ବେଳାଭୂମିରେ ୨ଟି ଟୁରିଷ୍ଟ ଏଡ୍ ପୋଷ୍ଟ ୨୪ ଘଣ୍ଟା କାର୍ଯ୍ୟ କରିବ। ରେଳ ଷ୍ଟେଶନ ବାହାରେ ମଧ୍ୟ ୨ଟି ପୋଷ୍ଟ ରହିବ। ଟ୍ରାଫିକ ପରିଚାଳନା ସମ୍ପର୍କରେ ସୂଚନା ଦେଇ ଏସ୍‌ପି କହିଥିଲେ ପିପିଲିରୁ ପୁରୀ ଏବଂ ସହର ମଧ୍ୟରେ ଏହିପରି ୨ଟି ସେକ୍ଟରରେ ବିଭକ୍ତ କରାଯାଇଛି। ଜଣେ ଲେଖାଏ ଅତିରିକ୍ତ ଏସ୍‌ପି ପାହ୍ୟାର ଅଧିକାରୀ ଏହାର ଦାୟିତ୍ୱରେ ରହିବେ। ନୂଆବର୍ଷରେ ଭକ୍ତମାନେ କିପରି ଶୃଙ୍ଖଳିତ ଭାବେ ଠାକୁରଙ୍କୁ ଦର୍ଶନ କରିପାରିବେ ସେଥିଲାଗି ମଧ୍ୟ ବ୍ୟବସ୍ଥା ହୋଇଛି। ଶ୍ରୀମନ୍ଦିର ଭିତରେ ଏବଂ ବାହାରେ ୨୫ରୁ ୩୦ ପ୍ଲାଟୁନ ଫୋର୍ସ ମୁତୟନ ହେବେ। ଏଥର ଟ୍ରାଫିକରେ ୧୦ରୁ ୧୫ ପ୍ଲାଟୁନ ଫୋର୍ସ ରହିବେ ବୋଲି ଏସ୍‌ପି ସୂଚନା ଦେଇଛନ୍ତି।



ଆଞ୍ଚଳିକ ଭୂସମ୍ପତ୍ତି ସୁରକ୍ଷା ପରିଷଦ ପକ୍ଷରୁ ଶନିବାର ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥରେ ମାନବ ଶୃଙ୍ଖଳ କରାଯାଉଛି।

### ■ ଗୋପ ପଞ୍ଚାୟତ ସମିତି ବୈଠକରେ ବିବାଦ
# ଅଧାରୁ ଉଠିଗଲେ ସମିତି ସଭ୍ୟାସଭ୍ୟ

**ଗୋପ, ୨୯।୧୨(ଡି.ଏନ୍.ଏ)**

ଗୋପ ବ୍ଲକ ବୈଠକ ଗୃହରେ ଶନିବାର ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପରିଡ଼ାଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ପ୍ରାରମ୍ଭରୁ ସମିତି ସଭ୍ୟାସଭ୍ୟ ଓ ସରପଞ୍ଚମାନଙ୍କ ମଧ୍ୟରେ ବାଦାନୁବାଦ ହୋଇଥିଲା। ୧ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଏହାର ପରିସମାପ୍ତି ନ ଘଟିବାରୁ ଶେଷରେ ୩୧ଟି ଗ୍ରାମ ପଞ୍ଚାୟତର ସମିତି ସଭ୍ୟାସଭ୍ୟମାନେ ବୈଠକରୁ ଉଠିଯାଇଥିଲେ। ପ୍ରକାଶ ଯେ, ବୈଠକ ଆରମ୍ଭ ହେବା ପରେ ବିଭିନ୍ନ ପଞ୍ଚାୟତରେ ସମିତି ସଭ୍ୟାସଭ୍ୟମାନଙ୍କୁ ଗ୍ରାମ ପଞ୍ଚାୟତ ବୈଠକକୁ ନିମନ୍ତ୍ରଣ କରିବା ବାଧ୍ୟତାମୂଳକ କରାଯିବା ପାଇଁ ସମିତି ବୈଠକରେ ଲିପିବଦ୍ଧ କରାଯାଇ ଜିଲାପାଳଙ୍କୁ ଅବଗତ କରାଯାଉ, ଜିଜିଓ୍ୱାଇ ପ୍ରକଳ୍ପଗୁଡ଼ିକ ସମିତିର ପ୍ରସ୍ତାବକ୍ରମେ ଅନୁମୋଦନ ଲାଭ କରିବାର ବିଧି ବ୍ୟବସ୍ଥା ଥିଲେ ମଧ୍ୟ ତାହା କରାଯାଉ ନ ଥିବା ସମେତ ୫ଦଫା ଦାବି ନେଇ ବୈଠକରେ ଲିପିବଦ୍ଧ ପାଇଁ ଅଧ୍ୟକ୍ଷଙ୍କ ନିକଟରେ ଦାବି ରଖିଥିଲେ। ମାତ୍ର ବିଭିନ୍ନ ପଞ୍ଚାୟତର ସରପଞ୍ଚମାନେ ଏହାକୁ ତୀବ୍ର ବିରୋଧ କରିବାରୁ ବୈଠକରେ ହୋ-ହଲ୍ଲା ହୋଇଥିଲା। ଅଧ୍ୟକ୍ଷ ବାରମ୍ବାର ସମିତି ସଭ୍ୟାସଭ୍ୟମାନଙ୍କୁ ବୈଠକ ଗୃହକୁ ଆସିବା ପାଇଁ ଅନୁରୋଧ କରିଥିଲେ ମଧ୍ୟ ସେମାନେ ଆସି ନ ଥିଲେ। ଶେଷରେ ବୈଠକକୁ ବନ୍ଦ କରାଯାଇଥିଲା। ବିଡିଓ ଦୀପ୍ତିରାଣୀ ଦାସ, ଉପାଧ୍ୟକ୍ଷ ଜ୍ୟୋସ୍ନାରାଣୀ ମହାନ୍ତି, ଜିଲାପରିଷଦ ସଭ୍ୟା ସରୋଜିନୀ ନାୟକଙ୍କ ସହ ବ୍ଲକର ବିଭିନ୍ନ ପଦାଧିକାରୀମାନେ ଉପସ୍ଥିତ ଥିଲେ।



ଲୋକସଭା ଉପବାଚସ୍ପତି ଏମ୍. ଥାମ୍ବି ଦୁରାଇ ଶନିବାର ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କୁ ଦର୍ଶନକରି ଫେରୁଛନ୍ତି।

## ଲୋକନାଥ ମନ୍ଦିରରେ ହେବ ଗୋଟିଏ ଟିକେଟ

**ପୁରୀ ଅଫିସ, ୨୯।୧୨:**

ଏଣିକି ଲୋକନାଥ ମନ୍ଦିରରେ ଗୋଟିଏ ଟିକେଟ ହେବ। ସେବାୟତ ନିଯୋଗ ଏବଂ ଶ୍ରୀଲୋକନାଥ ଦେବ ଟ୍ରଷ୍ଟ ବୋର୍ଡ ଉଭୟେ ଏଥିରେ ସହମତି ଥିଲେ ମଧ୍ୟ ଭାଗ ଛିଣ୍ଡିପାରିନାହିଁ। ସେବାୟତ ନିଯୋଗ ଟିକେଟରୁ ୧୦ ପ୍ରତିଶତ ଟ୍ରଷ୍ଟ ବୋର୍ଡକୁ ଦେବାକୁ ରାଜିଥିବା ବେଳେ ଟ୍ରଷ୍ଟ ବୋର୍ଡ ୩୦ ପ୍ରତିଶତ ନେବାକୁ କହୁଛି। ତେଣୁ ଶନିବାର ଟ୍ରଷ୍ଟ ବୋର୍ଡର ଟ୍ରଷ୍ଟି ତଥା ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ହୋଇପାରି ନାହିଁ। ସେବାୟତ ନିଯୋଗ ବୈଠକରେ ଏ ସମ୍ପର୍କରେ ଯାହା ଚୂଡ଼ାନ୍ତ ହେବା ପରେ ଟ୍ରଷ୍ଟ ବୋର୍ଡକୁ ଜଣାଯିବ। ଶନିବାର ଅନୁଷ୍ଠିତ ବୈଠକରେ ଉପଜିଲାପାଳ ଭବତାରଣ ସାହୁ, ସେବାୟତ ନିଯୋଗ ସଭାପତି ଚିନ୍ତାମଣି ପଣ୍ଡା, ସମ୍ପାଦକ ସନ୍ତୋଷ କୁମାର ପଣ୍ଡା, ଟ୍ରଷ୍ଟ ବୋର୍ଡର ମ୍ୟାନେଜର ଅପଚ୍ଛ ପରିଡା, ସିଟିଡିଏସ୍‌ପି ପ୍ରଶାନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଦୁଇଦିନିଆ ପାଲା ଗାୟକ ସମ୍ମିଳନୀ ଉଦ୍‌ଘାଟିତ

**ସାକ୍ଷୀଗୋପାଳ, ୨୯।୧୨(ଡି.ଏନ୍.ଏ.)**

ଅଖଣ୍ଡ ପୁରୀ ଜିଲା ପାଲା ଗାୟକ ପରିଷଦର ୪୦ତମ ବାର୍ଷିକ ସମ୍ମିଳନୀ ଓ ସତ୍ୟବାଦୀ ପାଲା ଗାୟକ ମଣ୍ଡଳର ପ୍ରଥମ ବାର୍ଷିକ ସମ୍ମିଳନୀ ସାକ୍ଷୀଗୋପାଳ ମନ୍ଦିର ନିକଟରେ ଶନିବାର ଉଦ୍‌ଘାଟିତ ହୋଇଛି। ଦୁଇଦିନ ଧରି ଅନୁଷ୍ଠିତ ହେବାକୁଥିବା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସସ୍ମିତା ପ୍ରଧାନ, ପ୍ରହଲ୍ଲାଦ ଘଟୁଆରୀ, ଜିଲା ପାଲାଗାୟକ ପରିଷଦର ସଭାପତି ଲକ୍ଷ୍ମୀଧର ଦାଶ, ସମ୍ପାଦକ ପ୍ରଭାତ କୁମାର ସାହୁ, ଚକ୍ରଧର ବାରିକ, ଟ୍ରଷ୍ଟି ବନମାଳୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ■ ଶ୍ରୀମନ୍ଦିରରେ ମୁତୟନ ପୋଲିସଙ୍କୁ ଏସ୍‌ପିଙ୍କ ପରାମର୍ଶ
# କର୍ତ୍ତବ୍ୟ ନୁହେଁ, ମହାପ୍ରଭୁଙ୍କ ସେବା ଭାବ

**ପୁରୀ ଅଫିସ,୨୯।୧୨:**

ଶ୍ରୀମନ୍ଦିର କ୍ଷେତ୍ରରେ ଘଟିଛି ଦୁଇଟି ଅଭାବନୀୟ ଘଟଣା। ଏହି ଦୁଇ ଘଟଣାରେ ପ୍ରତ୍ୟକ୍ଷ ଭାବେ ପୋଲିସ ଉପରକୁ ଉଠିଛି ଅଙ୍ଗୁଳି। ଶ୍ରୀମନ୍ଦିରର ସୁରକ୍ଷା ଏବଂ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ରହୁଥିବା ପୋଲିସ ବେଳେବେଳେ ହିତାହିତ ଜ୍ଞାନ ଭୁଲି ଯାଉଛି। ଆଚରଣ ସଂଯମତା ରକ୍ଷା କରି ନ ପାରି ଭୁଲ୍ କରିବସୁଛି। ଏମିତି ହାତଗଣତି କେତେଜଣ ଉଶୃଙ୍ଖଳ ପୋଲିସ କର୍ମଚାରୀଙ୍କ ପାଇଁ ସମ୍ପୂର୍ଣ୍ଣ ବିଭାଗ ବଦ୍‌ନାମ ମୁଣ୍ଡାଉଛି। ତେଣୁ ଏହି ପୋଲିସ କର୍ମଚାରୀଙ୍କୁ ପରାମର୍ଶ ଦେଇଛନ୍ତି ଏସ୍‌ପି ଡ. ସାର୍ଥକ ଷଡ଼ଙ୍ଗୀ। ବିଶେଷକରି ଆଚରଣ ଏବଂ ଉଚ୍ଚାରଣ ଉପରେ ନିୟନ୍ତ୍ରଣ ରଖିବା ସହ ଶ୍ରୀମନ୍ଦିରରେ ମୁତୟନ ରହୁଥିବା ପୋଲିସ ଏହାକୁ କର୍ତ୍ତବ୍ୟ ନୁହେଁ, ମହାପ୍ରଭୁଙ୍କ ସେବା ଭାବିବା ଦରକାର ବୋଲି ସେ କହିଛନ୍ତି।

ଦୁଇ ଦିନର ଦୁଇଟି ଘଟଣାରେ ପୋଲିସ କର୍ମଚାରୀଙ୍କ ସମ୍ପୃକ୍ତି ରହିଛି। ତେଣୁ ନୂଆବର୍ଷ ପାଇଁ କିଭଳି ଭକ୍ତ ଶୃଙ୍ଖଳିତ ଭାବେ ଦର୍ଶନ କରିବେ ପ୍ରଶ୍ନରେ ଏସ୍‌ପି କହିଥିଲେ, ଏଥିଲାଗି ବାହାରୁ ଆସୁଥିବା ପୋଲିସ କର୍ମଚାରୀଙ୍କୁ ବୁଝାଯାଇଥାଏ। ଭକ୍ତମାନେ ଭାବାବେଗ ସହିତ ଠାକୁରଙ୍କୁ ଦର୍ଶନ କରିବାକୁ ଆସୁଛନ୍ତି। ଆମ କାମ କେବଳ ଶୃଙ୍ଖଳିତ ଦର୍ଶନ ସୁବିଧା କରାଇବା। ସେମାନଙ୍କ ସହିତ କୌଣସି ପ୍ରକାର ଭାବ ବିନିମୟ ପାଇଁ ବାରଣ କରାଯାଇଥାଏ ବୋଲି କହିଥିଲେ। ବାରମ୍ବାର ଆଇଆର୍‌ବିଏନ୍ ଯବାନଙ୍କ ବିରୋଧରେ ଅଭିଯୋଗ ଆସୁଥିବା ସମ୍ପର୍କରେ ଏସ୍‌ପି କହିଥିଲେ, ଆମ ସୁରକ୍ଷା ବ୍ୟବସ୍ଥାରେ ଆଇଆରବିଏନ୍ ଆରମ୍ଭରୁ ରହିଆସିଛନ୍ତି। ସେମାନଙ୍କୁ ମଧ୍ୟ ଅଦଳ ବଦଳ କରାଯାଏ। ଏବେ ପୁଣି ସେମାନଙ୍କୁ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର କରିବା ପାଇଁ ବୁଝାଯିବ।






ବିଭୂତି



ମହେଶ୍ୱର



ପ୍ରିୟରଞ୍ଜନ



ପିଙ୍କି



ପୂଜ୍ୟାଦିତା



ରାକେଶ



ସ୍ୱାଗତିକା



ସନ୍ତୋଷ



ସିଦ୍ଧାର୍ଥ



ବିଜୟ